ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଯଜୁର୍ବେଦ

(यजुर्वेद / Yajurveda)

ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଶୁକ୍ଳ ଯଜୁର୍ବେଦ

# ବାଜସନେୟୀ କାଣ୍ୱ ସଂହିତା

(शुक्ल यजुर्वेद - वाजसनेयी काण्व संहिता)

(Shukla Yajurveda - Vaajasaneyi Kaanva Samhitaa)

ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ

Editor – Prakash Pradhan

ଭାଷା - ସଂସ୍କୃତ-ଓଡିଆ

Language – Sanskrit - Odia

ଶୁଦ୍ଧିକରଣ (Proofreading by)

ଶ୍ରୀ କମଳ ଲୋଚନ ପଣ୍ଡା

ଶ୍ରୀ ଶେଷଦେବ ଦାଶ




**ଶ୍ରୀ ପ୍ରକାଶ ପ୍ରଧାନ**

ସଂପାଦନା

prakash@scholarshoppe.com


## ଶୁଦ୍ଧିକରଣ




**ଶ୍ରୀ କମଳ ଲୋଚନ ପଣ୍ଡା**

ଜିଲ୍ଲା ଅଧ୍ୟକ୍ଷ, ବୈଦିକ ବ୍ରାହ୍ମଣ ପରିଷଦ,

ସମ୍ବଲପୁର, ଓଡ଼ିଶା

klpandajsg@gmail.com





**ଶ୍ରୀ ଶେଷଦେବ ଦାଶ**

ପୋଡାମାରି ଗଡ, ସାନଖେମୁଣ୍ଡି,

ଗଞ୍ଜାମ, ଓଡିଶା

sesanirbhaya@gmail.com

# ପୂର୍ବାଭାଷ

**ଓଁ ଶ୍ରୀ ଗଣେଶାୟ ନମଃ**

ମାତାପିତୃଭ୍ୟାଂ ନମଃ ।
ସର୍ବଭ୍ୟୋ ଗୁରୁଭ୍ୟୋ ନମଃ ।
ଶ୍ରୀ ମହାଗଣପତୟେ ନମଃ ।
ଶ୍ରୀ ସରସ୍ୱତ୍ୟୈ ନମଃ ।
ସର୍ବଭ୍ୟୋ ଦେବେଭ୍ୟୋ ନମଃ ।
ଶ୍ରୀ ବେଦାୟ ନମଃ ।
ଶ୍ରୀ ବେଦପୁରୁଷାୟ ନମଃ ।

**୩୧ ମାର୍ଚ୍ଚ ୨୦୨୧,** ଓଡିଆ ଭାଷାରେ ବେଦମାନଙ୍କର ରୂପାନ୍ତର ସୃଙ୍ଖଳାରେ ଏହା ମୋର ୩ୟ ପ୍ରକଳ୍ପ । "ଋକ୍-ବେଦ" ଓ "୧୦୮ ଉପନିଷଦ" ଓଡିଆ ଭାଷାରେ ରୂପାନ୍ତର କରିବା ପରେ, ପାଠକ ଓ ଶୁଭେଚ୍ଛୁମାନଙ୍କ ଅନୁରୋଧ କ୍ରମେ "ଯଜୁର୍ବେଦ"ଙ୍କୁ ଓଡିଆ ଭାଷାରେ ରୂପାନ୍ତର କରିବା ପ୍ରକଳ୍ପ ହାତକୁ ନେଲି, ଓ ଏହା ଉପରେ ଗବେଷଣା ତଥା କାର୍ଯ୍ୟ କରିବାକୁ ଲାଗିପଡିଲି । ମହାମାରୀ କୋଭିଡ୍ ର ପ୍ରକୋପ ଜାରି ରହିଥିବାରୁ ସମୟ ଓ ସୁଯୋଗ ମିଳିଲା ଏହାଉପରେ ଧ୍ୟାନ କେନ୍ଦ୍ରିତ କରିବା ପାଇଁ । ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ "ଶୁକ୍ଳ ଯଜୁର୍ବେଦ" ସମାପନ କରିବାର ନିଷ୍ପତି ନେଇ କାର୍ଯ୍ୟ ଆରମ୍ଭ କରିଦେଲି । ସେଥିପାଇଁ ଉପଲବ୍ଧ "ମାଧ୍ୟନ୍ଦିନ ସଂହିତା" ଓ "କାଣ୍ୱ ସଂହିତା"ଙ୍କୁ ଓଡିଆ ଲିପିରେ ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଦେଲି । ଅନେକଦିନ କାର୍ଯ୍ୟକରିବା ପରେ ପ୍ରଥମେ "ମାଧ୍ୟନ୍ଦିନ ସଂହିତା" ଓ ଏହାପରେ "କାଣ୍ୱ ସଂହିତା"ର କାର୍ଯ୍ୟ ଶେଷ ହେଲା । ଏହି ସଂସ୍କରଣର ବିଶେଷତ୍ୱ ଏହା ଯେ, ଏଥିରେ ପ୍ରତ୍ୟେକ ମନ୍ତ୍ରର ଋଷି, ଦେବତା ଓ ଛନ୍ଦ ନିର୍ଣ୍ଣୟ କରିବାରେ ବହୁ ପରିଶ୍ରମପୂର୍ବକ କାର୍ଯ୍ୟ କରାଯାଇଅଛି, ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମାନଙ୍କର ସୂଚନା ମଧ୍ୟ ଦିଆଯାଇଛି, ଯାହାକି ଅନ୍ୟ ଉପଲବ୍ଧ ସଂସ୍କୃତ ସଂହିତା ମାନଙ୍କଠାରୁ ସ୍ୱତନ୍ତ୍ର କରିପାରିବ ବୋଲି ଆଶା କରୁଛି । ଏହି ସଂସ୍କରଣରେ ଯେଉଁ ସବୁ ବିଶେଷ୍ୱତ ରହିଛି, ସେମାନଙ୍କର ସ୍ୱଳ୍ପ ବିବରଣୀ ଆଗାମୀ ପୃଷ୍ଠାରେ ଦିଆଯାଇଛି ।

Not For Commercial Use

ଏହି ରୂପାନ୍ତରଣରେ ୧୯୬୦ ମସିହାର ଏକ ପୁରୁଣା ପୁସ୍ତକ "ଯଜୁର୍ବେଦ ସଂହିତା"କୁ ଆଧାର ରୂପେ ନିଆଯାଇଛି, ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସୂତ୍ରମାନଙ୍କୁ ନେଇ ଏହି ସଂସ୍କରଣର ସମାପନ କରାଯାଇଛି । ସମସ୍ତ ସୂତ୍ରର ସୂଚନା ତଳେ "ସୂତ୍ର ସୂଚନା" ଦିଆଯାଇଛି ।

ଏହି ରୂପାନ୍ତରଣରେ "ଯଜୁର୍ବେଦ"ର ସ୍ୱର (ଉଦାତ୍ତ, ଅନୁଦାତ୍ତ, ସ୍ୱରିତ ଇତ୍ୟାଦି) ମାନଙ୍କର ଶଂକେତ ବା ଚିହ୍ନ ଦିଆଯାଇନାହିଁ । ଏହାର କାରଣ ଓଡିଆ ଲିପିରେ ସେ ପ୍ରକାର ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ । ତଥାପି ଏହା ଉପରେ ଗବେଷଣା ଜାରି ରହିଛି, ହୋଇପାରେ ଏହାର ପରବର୍ତ୍ତି ସଂସ୍କରଣରେ ଏହା ଉପଲବ୍ଧ ହେବ । ୱେବ ସାଇଟରେ ସମସ୍ତ ଶ୍ଳୋକ ବା ମନ୍ତ୍ରମାନଙ୍କର ସ୍ୱରାବୃତି ଉପଲବ୍ଧ ଅଛି, ପାଠକମାନେ ଏହାକୁ ଶୁଣି ପାରିବେ ବା ଅଭ୍ୟାସ କରିପାରିବେ ।

'ଯଜୁର୍ବେଦ'ର ଓଡିଆ ଲିପିରେ ରୂପାନ୍ତର ସରିବା ପରେ, ଏହା ଠିକ୍ ରେ ରୂପାନ୍ତର ହେଲା କି ନାହିଁ, ତାହାର ଶୁଦ୍ଧିକରଣ (ପ୍ରୁଫ୍-ରିଡିଙ୍ଗ୍) ଆବଶ୍ୟକ ଥିଲା । ଏଥିପାଇଁ ମୂଳ ଦସ୍ତାବେଜ ସଙ୍ଗରେ ରୂପାନ୍ତରୀତ ଦସ୍ତାବେଜର ଯାଞ୍ଚ କରିବାପାଇଁ, ୨ଜଣ ଅଲଗା ଅଲଗା ଶୁଦ୍ଧିକରଣ କାର୍ଯ୍ୟରେ ଲାଗିଥିଲେ । ସେମାନଙ୍କ ମଧ୍ୟରୁ "ଶ୍ରୀ କମଳ ଲୋଚନ ପଣ୍ଡା", ଓ "ଶ୍ରୀ ଶେଷଦେବ ଦାଶ" ମୂଖ୍ୟରୁପେ କାର୍ଯ୍ୟ କରିଥିଲେ । ମୁଁ ବ୍ୟକ୍ତିଗତ ଭାବେ ସମସ୍ତ ଯୋଗଦାନକାରୀ ସଦସ୍ୟମାନଙ୍କୁ କୃତଜ୍ଞତା ବ୍ୟକ୍ତ କରୁଛି । ତାଙ୍କର ଉପଦେଷ, ମାର୍ଗଦର୍ଶନ ଓ ସୁଧାରୀକରଣ ସର୍ବଦା ଅବିସ୍ମରଣୀୟ ରହିବ ।

ଶେଷରେ ସମସ୍ତଙ୍କ ଯୋଗଦାନ ପାଇଁ ଏହି ପବିତ୍ରଗ୍ରନ୍ଥ "**ଯଜୁର୍ବେଦ ଓଡିଆରେ**" ପ୍ରସ୍ତୁତ ହୋଇପାରିଛି । ଆଶାକରୁଛି ଏହା ସମସ୍ତ ଓଡିଆ ଭାଷା ଭାଷୀ ବେଦଲିପ୍ସୁ ଜନମାନଙ୍କ କାମରେ ଆସିବ ଓ ଏହାକୁ ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ତାରିଖ - ୧୦.୦୪. ୨୦୨୨**
**ଶ୍ରୀରାମ ନବମୀ**

**ଶ୍ରୀ ପ୍ରକାଶ ପ୍ରଧାନ,**
**ସଂପାଦକ,**
ସଂସାରଫଳ, ପଚାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା, ଭାରତ ।
ବର୍ତମାନ ସ୍ଥିତି - ଚେନ୍ନାଇ, ତାମିଲନାଡୁ, ଭାରତ ।

Not For Commercial Use

# ଉତ୍ସର୍ଗ

ଏହି ଗ୍ରନ୍ଥ **"ଯଜୁର୍ବେଦ ଓଡିଆରେ"** ଓଡିଆ ଭାଷୀ ସମସ୍ତ ଜନସାଧାରଣଙ୍କ ସେବାରେ ଓ ସାର୍ବଜନୀନ ଜ୍ଞାନ ପ୍ରସାର ନିମନ୍ତେ ଉତ୍ସର୍ଗ କରୁଛି ।

ବଶମ୍ବଦ

**ସଂପାଦକ**

# ନିବେଦନ

ଏହି ଗ୍ରନ୍ଥ **"ଯଜୁର୍ବେଦ ଓଡିଆରେ"** ଟି ବ୍ୟକ୍ତିଗତ ପଠନ ଉଦ୍ଦେଶ୍ୟରେ ତିଆରି କରାଯାଇଛି ଓ ଏହା ସମସ୍ତଙ୍କୁ ଡିଜିଟାଲ ରୂପରେ ମୁକ୍ତ ଉପଲବ୍ଧ ହେବ । ଏହାର କୌଣସି **ବ୍ୟାପାରୀକରଣ ନ କରିବାକୁ** ଅନୁରୋଧ । ଯଦି କେହି ଏହାର ପ୍ରକାଶନ କରିବାକୁ ଚାହୁଁଛନ୍ତି, ସଂପାଦକଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

ଏହି ଓଡିଆ ରୂପାନ୍ତରିତକୁ ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ, ସମସ୍ତ ସାବଧାନ ଓ ଯତ୍ନର ସହିତ ରୂପାନ୍ତରିତ କରାଯାଇଛି । ତଥାପି, ଏଥିରେ ଭୁଲ ବା ତୃଟି ରହିଥାଇ ପାରେ । ତେଣୁ କୃପାଳୁ ପାଠକ, କ୍ଷମା କରିବା ସଙ୍ଗେ ସଙ୍ଗେ, ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

**ଶ୍ରୀ ପ୍ରକାଶ ପ୍ରଧାନ,**

**ସଂପାଦକ,**

Not For Commercial Use

# ଏହି ସଂସ୍କରଣରେ....

ॐ

**ଶତପଥ ବ୍ରାହ୍ମଣ** (୧୦.୩.୫.୧-୨) ରେ "ଯଜୁଃ" ଶବ୍ଦକୁ ସ୍ପଷ୍ଟକରି ଏହା କୁହାଯାଇଛି ଯେ, - ଏହା "ଯତ୍+ଜୁଃ"ର ସଂଯୋଗ ଅଟେ । 'ଯତ୍' ର ଅର୍ଥ 'ଗତିଶୀଳ", ତଥା 'ଜୁଃ' ର ଅର୍ଥ 'ଆକାଶ' ଅଟେ । ସୃଷ୍ଟିର ନିର୍ମାଣ ହେବା ପୂର୍ବରୁ "ଜୁଃ" ଆକାଶ ରୂପରେ ଏକ ମାତ୍ର ଚେତନ ତତ୍ୱ ସର୍ବତ୍ର ବ୍ୟାପି ରହିଥିଲା । ଯେତେବେଳେ ସେହି ଚେତନାରେ ସଂକଳ୍ପର ସଂଚାରହେଲା, ସେତେବେଳେ ସେଥିରୁ ଆକାଶରେ ସୂକ୍ଷ୍ମ କଣମାନ (ସବ୍ ଆଟମିକ୍ ପାର୍ଟିକିଲ୍ସ) ଉତ୍ପନ୍ନ ହେଲା । ସେମାନେ ଗତିଶୀଳ ଥିଲେ, ସେଇଥିପାଇଁ ଏହାକୁ "ଯତ୍" କୁହାଯାଇଛି । ଏହାକୁ (**ଆକାଶାତ୍ ବାୟୁଃ**) ଆକାଶରେ ବାୟୁର ଉତ୍ପତ୍ତି କୁହାଯାଇପାରେ । ସେହି ପ୍ରବାହିତ ସୂକ୍ଷ୍ମ କଣମାନଙ୍କର ଗତିର କାରଣରୁ ସୂକ୍ଷ୍ମ ବିଦ୍ୟୁତ୍ ବିଭବ (ଫିବିଲଇଲେକ୍ଟ୍ରିକ୍ ପୋଟେନ୍ସିୟଲ୍) ଉତ୍ପନ୍ନ ହେଲା । ଏହି ବିଦ୍ୟୁତ୍ ଶକ୍ତିକୁ ହିଁ "ଅଗ୍ନି"ର ଉତ୍ପତି (**ବାୟୋଃ ଅଗ୍ନିଃ**) କୁହାଯାଇପାରେ । ଏହି ତିନୋଟି (**ଜୁଃ** - ଆକାଶ, "**ଯତ୍**" - ସୂକ୍ଷ୍ମ ପ୍ରବାହିତ କଣମାନ, ତଥା ସେହି ଗତିରୁ ଉତ୍ପନ୍ନ **ବିଦ୍ୟୁତ୍ ବିଭବ**) ର ସଂଯୋଗରୁ ହିଁ ପରମାଣୁ ମାନଙ୍କର ରଚନା ହେଲା । କେନ୍ଦ୍ରରେ ଘନ ବିଦ୍ୟୁତ୍ ବିଭବଯୁକ୍ତ ସୂକ୍ଷ୍ମକଣ (ନ୍ୟୁକ୍ଲିୟସ୍ ପ୍ରୋର୍ଟନ୍ସ), ତଥା ଏହାର ପାଖା-ପାଖି ର ଆକାଶକୁ ଘେରିକରି ରହିଥିବା ଗତିଶୀଳ ଋଣ (ବିଯୁକ୍ତ) ବିଭବଯୁକ୍ତ ସୂକ୍ଷ୍ମକଣ (ଇଲେକ୍ଟ୍ରନ୍ସ); ଏହି ହେଉଛି ବିଭିନ୍ନ ପଦାର୍ଥ ମାନଙ୍କର ପରମାଣୁ ସମୁହର ସଂରଚନା । ଏହିମାନଙ୍କର ଅନୁପାତ ବଦଳିଗଲେ ପଦାର୍ଥ ବଦଳିଯାଏ ।

**"ଯତ୍" ଓ "ଜୁଃ" ର ସଂଯୋଗରେ ପଞ୍ଚଭୂତାତ୍ମକ ଜଗତ-ସୃଷ୍ଟିର ଏହି ପ୍ରକ୍ରରଣରୁ ଏହା ସ୍ପଷ୍ଟ ହୁଏ ଯେ, ଏହି ପ୍ରକ୍ରିୟା ସୃଷ୍ଟି ନିର୍ମାଣର ଯଜ୍ଞିୟ ଚକ୍ରର ହିଁ ସୂଚକ ଅଟେ ।**

Not For Commercial Use

"**ବେଦ**" ଦୀର୍ଘକାଳରୁ ଭାରତୀୟ ଜନ-ଜୀବନ ସହିତ ଏକ ଅଙ୍ଗରୂପେ ରହିଆସିଅଛି । ଆଜି ଏହା ବୁଝିହୁଏ ଯେ, ଭାରତୀୟ ଜନ-ଜୀବନ ମଧ୍ୟ ବେଦ-ବିଜ୍ଞାନ ଠାରୁ ଅନେକ ଆଗକୁ ଚାଲିଯାଇଛି, କିନ୍ତୁ "**ଯଜୁର୍ବେଦ**" ବେଦର ଏକ ଏପରି ଭାଗ ଯାହା ଏବେ ବି ମଧ୍ୟ ଆଜିର ଜନ-ଜୀବନ ସହିତ କୌଣସି ନା କୌଣସି ରୂପରେ ଯୋଡିହୋଇ ରହିଅଛି । 'ବେଦ ସଂସ୍କୃତି' ଅନୁଗାମୀ ପଶ୍ଚିମ ସଭ୍ୟତାରୁ କିଏ କେତେ ବି ପ୍ରଭାବିତ ହୋଇଥାଉ ନା କାହିଁକି, ଜନ୍ମଠୁ ବିବାହ ଏବଂ ଅନ୍ତ୍ୟେଷ୍ଟି ପର୍ଯ୍ୟନ୍ତ ସଂସ୍କାର କର୍ମକାଣ୍ଡମାନଙ୍କ ସହିତ ସେମାନଙ୍କର ସମ୍ବନ୍ଧ ଅଳ୍ପାଧିକ ଯୋଡିହୋଇ ରହିଅଛି । ସଂସ୍କାର ଏବଂ ଯଜ୍ଞିୟ କର୍ମକାଣ୍ଡମାନଙ୍କରେ ବ୍ୟବହୃତ ହେଉଥିବା ଅଧିକାଂଶ ମନ୍ତ୍ର "ଯଜୁର୍ବେଦ"ରୁ ହିଁ ଆସିଥାଆନ୍ତି । ସେମାନଙ୍କର ମନ୍ତ୍ରଶକ୍ତି ଓ ପ୍ରେରଣା ର ସଂପର୍କ ଭାରତୀୟ ଜନ-ଜୀବନ ସହିତ ନିରନ୍ତର ଜଡିତ ରହିଅଛି ।

## ଯଜୁଃ - ଯଜ୍ଞାର୍ଥକ

ଯଜୁର୍ବେଦର ମନ୍ତ୍ରକୁ "**ଯଜୁ**" (ଯଜୁଷ୍) କୁହନ୍ତି । ଋକ୍-ବେଦ ଓ ସାମବେଦର ମନ୍ତ୍ର ପଦ୍ୟାତ୍ମକ ଅଟେ, ଯଜୁର୍ବେଦର ମନ୍ତ୍ର ଏହି ବନ୍ଧନରୁ ମୁକ୍ତ ଅଟେ । "**ଗଦ୍ୟାତ୍ମକୋ ଯଜୁଃ**" ଅନୁସାରେ ଏହା ଗଦ୍ୟ ପ୍ରକାର ର ଅଟେ । ଅନ୍ୟ ଉକ୍ତି ଅନୁସାରେ "**ଅନିୟତାକ୍ଷରାବସାନୋ ଯଜୁଃ**" ଅର୍ଥାତ୍ ଯେଉଁଥିରେ ଅକ୍ଷରମାନଙ୍କର ସଂଖ୍ୟା ନିର୍ଧାରିତ ନ ଥାଏ, ତାହା "ଯଜୁ" ଅଟେ । ଏହାର ନିର୍ଧାରଣ ମନ୍ତ୍ରମାନଙ୍କର ରଚନା ଅନୁସାରେ କରାଯାଇଛି । ଏହି ଯଜୁର୍ବେଦରେ ମଧ୍ୟ ବଡ ସଂଖ୍ୟାରେ ପଦ୍ୟାତ୍ମକ ଛନ୍ଦରେ ମନ୍ତ୍ରସମୁହ ରହିଅଛି । 'ଋକ୍-ବେଦ'ର ପାଖା-ପାଖି ୬୬୩ଟି ମନ୍ତ୍ର ଯଥାବତ୍ "ଯଜୁର୍ବେଦ"ରେ ଅଛନ୍ତି, ଯାହାକି ପରମ୍ପରା ଅନୁସାରେ ଗଦ୍ୟାତ୍ମକ ଶୈଳୀରେ ପାଠ ହୋଇଥାଏ ।

ଯଜୁର୍ବେଦ "ଯଜ୍ଞ" ସହିତ ସମ୍ବନ୍ଧିତ ବୋଲି ମାନ୍ୟତା ଅଛି । 'ପାଣିନି' "ଯଜ୍ଞ"ର ବ୍ୟୁତ୍ପତ୍ତି 'ଯଜ୍' ଧାତୁରୁ ହୋଇଅଛି ବୋଲି କହିଛନ୍ତି । ବ୍ରାହ୍ମଣ ଗ୍ରନ୍ଥମାନଙ୍କରେ "ଯଜୁଷ୍"କୁ 'ଯଜ୍' ଧାତୁ ସହିତ ସମ୍ବନ୍ଧିତ ବୋଲି କୁହାଯାଇଛି । ଏହି ପ୍ରକାରରେ "ଯଜୁଃ", "ଯଜ୍" ଓ "ଯଜ୍ଞ" ତିନୋଟି ପରସ୍ପର ସମାନାର୍ଥକ ହୋଇଥାଆନ୍ତି । ଯେପରିକି -

**ଯଚ୍ଛିଷ୍ଟଂ ତୁ ଯଜୁର୍ବେଦେ ତେନ ଯଜ୍ଞମଯୁଖତ ।**
**ଯଜନାତ୍ ସ ଯଜୁର୍ବେଦ ଇତି ଶାସ୍ତ୍ରବିନିଶ୍ଚୟଃ ।।** (ବ୍ରହ୍ମାଣ୍ଡ ପୁରାଣ - ୨.୩୪.୨୨) ।

ଅର୍ଥାତ୍ ଯଜୁର୍ବେଦରେ ଯାହାକିଛି ପ୍ରତିପାଦିତ ଅଛି, ସେହିଥିରୁ ଯଜ୍ଞର ଯଜନ କରାଯାଏ । ଯଜ୍ଞମାନଙ୍କରେ ଯଜନ କାରଣରୁ ହିଁ ତାହାଙ୍କୁ ଯଜୁର୍ବେଦ ନାମ ଦିଆଯାଇଅଛି, ଏହା ଶାସ୍ତ୍ର ଦ୍ୱାରା ନିଶ୍ଚୟ କରାଯାଇଛି । ଏହି ତଥ୍ୟର ସ୍ପଷ୍ଟତା ନିରୁକ୍ତକାର "**ଯଜୁର୍ଯଜତେଃ**" (ନି. - ୭.୧୨) ଉକ୍ତିରୁ କରିଛନ୍ତି । "**ଯଜୁର୍ଭିୟଜନ୍ତି**" (କାଠକ ସଂହିତା - ୨୭.୧), "**ଯଜୁସ୍ତସ୍ମାଦ୍ (ଯଜ୍ଞାତ୍) ଅଜାୟତ**" (କାଠକ ସଂହିତା ୧୦୦.୨୧), "**ଯଜ୍ଞୋ ହ ବୈ ନାମୈତଦ୍ୟଦ୍ୟଜୁରିତି**' (ଶତପଥ ବ୍ରାହ୍ମଣ - ୪.୬.୭.୧୩) ଇତ୍ୟାଦି ଶ୍ରୁତିବଚନ ମାନଙ୍କରୁ ମଧ୍ୟ ଏହି ତଥ୍ୟର ସ୍ପଷ୍ଟତା ମିଳିଥାଏ ।

ଏଠି ଧ୍ୟାନଯୋଗ୍ୟ ବିଷୟ ଏହା ଅଟେ କି, ଯଜ୍ଞ ଅଥବା ଯଜନ କେବଳ ଲୌକିକ ଅଗ୍ନିହୋତ୍ର ପ୍ରକାର କର୍ମକାଣ୍ଡ ପର୍ଯ୍ୟନ୍ତ ସୀମିତ ରଖାଯାଇ ପାରିବ ନାହିଁ । ପାଣିନି "ୟଜ୍" ଧାତୁର ଅର୍ଥ ଦେବପୂଜନ, ସଂଗୀତିକରଣ ଏବଂ ଦାନ ବୋଲି କରିଛନ୍ତି । ଏହାକୁ ଆଧାରକରି, ନିଜଠୁ ଉତ୍କୃଷ୍ଟ ଚେତନ-ସତ୍ତା ପ୍ରତି ଶ୍ରଦ୍ଧାର ବିକାଶ ଏବଂ ସେମାନଙ୍କ ଅଭିବ୍ୟକ୍ତି; ସେହି ଦିବ୍ୟ ଅନୁଶାସନରେ ସଂଗଠିତ ହୋଇ କର୍ମ-ଅନୁଷ୍ଠାନ ତଥା ଏହି ପ୍ରକାର ପ୍ରାପ୍ତ ବିଭୂତିମାନଙ୍କୁ କଲ୍ୟାଣକାରୀ ପ୍ରୟୋଜନ ପାଇଁ ସମର୍ପିତ କରିବା; ଏହିସବୁ କ୍ରିୟାମାନେ ଯଜ୍ଞ ଅନ୍ତର୍ଗତ ଆସିଥାଆନ୍ତି । ବେଦୋକ୍ତ ଯଜ୍ଞକୁ ଏହିଭଳି ବ୍ୟାପକ ସନ୍ଦର୍ଭରେ ନିଆଯିବା ଦରକାର । "ଯଜ୍ଞ"କୁ ବ୍ୟାପକ ଅର୍ଥ ନେବା ସନ୍ଦର୍ଭରେ ପୁରାତନ, ନୂତନ, ସନାତନୀ, ଆର୍ଯ୍ୟସମାଜୀ, ତଥା ସମସ୍ତ ବିଦ୍ୱାନଙ୍କର ଏକ ମତ ଅଟେ । ଯଜ୍ଞର ବ୍ୟାପକ ଭାବ ମଧ୍ୟ ଶ୍ରୀମଦ ଭାଗବତ (**ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା...** - ୩.୧୦) ରେ କୁହାଯାଇଛି ।

Not For Commercial Use

# ଯଜ୍ଞର ମୁଖ୍ୟ ଧାରାମାନ

ଯଜ୍ଞର ୨ଟି ମୁଖ୍ୟ ଧାରା କୁହାଯାଇପାରେ - **(୧)** ଯଜ୍ଞର ଏହି **ସନାତନ ରୂପ**, ଯାହା ଅନାଦି କାଳରୁ ଅବାଧ୍ୟ ଗତିରେ ଚାଲୁଅଛି, ଯେଉଁଥିରୁ (କ) ବିଶ୍ୱ ସୃଷ୍ଟି ହେଲା ଓ (ଖ) ତାହାର ଅନ୍ତର୍ଗତ ସୃଷ୍ଟିର ପୋଷଣ-ପରିବର୍ତ୍ତନ ଚକ୍ର ଚାଲିଆସୁଅଛି । **(୨)** ଯଜ୍ଞର **ଲୌକିକ ରୂପ**, ଯାହା ସଂକଳ୍ପପୂର୍ବକ କରାଯାଏ । ଏହାର ଅନ୍ତର୍ଗତ (କ) ଅଗ୍ନିହୋତ୍ରାଦି ବିବିଧ ଯଜନ-କର୍ମକାଣ୍ଡ ଆସିଥାନ୍ତି, ତଥା (ଖ) ଲୋକବ୍ୟବହାର ରେ ଜୀବନ ଯଜ୍ଞ ରୂପରେ ଯାହା ଅନିବାରଣୀୟ ପ୍ରଯୁକ୍ତ ହୋଇଥାଏ । ଏହି ଲୌକିକ ଯଜ୍ଞିୟ ପ୍ରକ୍ରିୟାର ମୂଳ ସୂତ୍ର ହେଉଛି - ନିଜ ଅଧିକାର କ୍ଷେତ୍ରର ଶ୍ରେଷ୍ଠତମ ବସ୍ତୁକୁ ଦେବତାମାନଙ୍କ ପାଇଁ ଅଥବା ଲୋକମଙ୍ଗଳ ପାଇଁ ସମର୍ପିତ କରିଦେବା । ମିମାଂସା ଆଦି ଶାସ୍ତ୍ରରେ ଯଜ୍ଞର ଲୌକିକ କର୍ମକାଣ୍ଡକୁ ହିଁ ବିଶେଷ ରୂପରେ ମହତ୍ୱ ଦିଆଯାଇଛି, କିନ୍ତୁ ବେଦ ତ ଯଜ୍ଞର ସନାତନ, ସୃଜନାତ୍ମକ ଓ ପୋଷଣ-ପରିବର୍ତ୍ତନ ଧାରା ସହିତ ଓତପ୍ରୋତ ଭାବରେ ଜଡିତ ।

ପୁରୁଷସୂକ୍ତରେ ସାରା ସୃଷ୍ଟି ତ ବିରାଟ୍ ଯଜ୍ଞ ପୁରୁଷରୁ ହିଁ ଉତ୍ପନ୍ନ ହୋଇଅଛି ବୋଲି ବର୍ଣ୍ଣନା କରାଯାଇଛି । ଋକ୍, ଯଜୁ, ସାମ ଆଦି ମଧ୍ୟ ସେହି ଯଜ୍ଞରୁ ପ୍ରକଟ ହୋଇଛନ୍ତି –

**ତସ୍ମାଦ୍ ଯଜ୍ଞାତ୍ସର୍ବହୁତଃ ଋଚଃ ସାମାନି ଜଜ୍ଞିରେ ।**
**ଛନ୍ଦାସି ଜଜ୍ଞିରେ ତସ୍ମାଦ୍ ଯଜୁଃ ତସ୍ମାଦଜାୟତ ।।** (ଋ.ବେ - ୧୦.୧୦.୧, ଯଜୁଃ - ୩୧.୭) ।

ଅର୍ଥାତ୍ ସେହି ସର୍ବହୁତ ଯଜ୍ଞରୁ ଋଚାମାନ ଏବଂ ସାମ ଆଦି ଉତ୍ପତି ହୋଇଅଛି । ସେହିଥିରୁ ଛନ୍ଦ ଆଦି ତଥା "ଯଜୁଃ" ମଧ୍ୟ ଉତ୍ପତି ହୋଇଅଛି । ଏହି ସର୍ବହୁତ ଯଜ୍ଞ ଯେଉଁକ୍ରମେ ବିକଷିତ ହୋଉଅଛି, ସେହିକ୍ରମେ ସୃଷ୍ଟିର ବିକାଶ ହୋଇଆସୁଅଛି । ପୁରୁଷସୂକ୍ତ ଅନୁସାରେ ଯାହା ହୋଇଯାଇଛି (**ଯଦ୍ ଭୂତଂ**) ତଥା ଯାହା ହେବାକୁ ଯାଉଛି (**ଯତ୍ ଚ ଭାବ୍ୟଂ**), ତାହା ସବୁ ଏହି ବିରାଟ୍ ପୁରୁଷ ହିଁ ଅଟେ (**ପୁରୁଷ ଏବ ଇଦଂ ସର୍ବ**) । ସୃଷ୍ଟିର ପୋଷଣ-ସଂଚାଳନ ପାଇଁ ମଧ୍ୟ ସେହି ବିରାଟ୍ ସତ୍ତାର ଯଜନ କରାଯାଏ । ସେହି ବିରାଟ୍ ଯଜ୍ଞ ହିଁ ପ୍ରକୃତିରେ ଚାଲିଆସୁଅଛି ।

**ଯତ୍-ପୁରୁଷେଣ ହବିଷା ଦେବା ଯଜ୍ଞମତନ୍ୱତ ।**
**ବସନ୍ତୋ ଽସ୍ୟାସୀଦାଜ୍ୟଂ ଗ୍ରୀଷ୍ମ ଽ ଇଧ୍ମଃ ଶରଦ୍ ହବିଃ ।।** (ଯଜୁଃ - ୩୧-୧୪)

Not For Commercial Use

ଯେବେ ଦେବଗଣ ସେହି ବିରାଟ୍ ଚେତନାକୁ ଯଜନ କଲେ, ତେବେ (ସେହି ଯଜ୍ଞରେ) ବସନ୍ତଋତୁ ଆଜ୍ୟ ରୂପରେ, ଗ୍ରୀଷ୍ମଋତୁ ଇନ୍ଧନ ରୂପରେ, ତଥା ଶରତଋତୁ ହବି ରୂପରେ ପ୍ରଯୁକ୍ତ ହେଲେ । ବେଦରେ ଯଜ୍ଞର ବିରାଟ୍ ସ୍ୱରୂପର ଦର୍ଶନ ବହୁତ ସ୍ୱଷ୍ଟତା ସହିତ ସ୍ଥାନ-ସ୍ଥାନରେ ହୋଇଆସୁଅଛି । ଲୌକିକ ସନ୍ଦର୍ଭରେ ମଧ୍ୟ ପ୍ରକୃତିବାଦୀ ଯଜ୍ଞକୁ ଦିବ୍ୟ-ଅନୁଶାସନରେ କରାଯାଉଥିବା କର୍ମକୁ ଶ୍ରେଷ୍ଠକର୍ମର ସଂଜ୍ଞା ଦେଇଛନ୍ତି (**ଯଜ୍ଞୋ ବୈ ଶ୍ରେଷ୍ଠତମଂ କର୍ମ**) ।

ମନୁସ୍ମୃତି ଅନୁସାରେ ବେଦାଧ୍ୟୟନ-ଜ୍ଞାନବିସ୍ତାର **ବ୍ରହ୍ମଯଜ୍ଞ** ଅଟେ; ତର୍ପଣ **ପିତୃଯଜ୍ଞ** ଅଟେ; ହୋମାଦି କର୍ମ **ଦେବଯଜ୍ଞ** ଅଟେ; ବଳିବୈଶ୍ୱାଦି କର୍ମ **ଭୂତଯଜ୍ଞ** ଅଟେ, ତଥା ଅତିଥି ଆଦିଙ୍କୁ ତୃପ୍ତ କରିବା **ମନୁଷ୍ୟଯଜ୍ଞ** ଅଟେ ।

'ଯଜ୍' ଧାତୁ ଅନୁସାରେ "ଦେବପୂଜନ" (ଉଚ୍ଚତମ ଆଦର୍ଶ ପାଇଁ), "ସଂଗୀତକରଣ" (ସହଯୋଗାତ୍ମକ ପ୍ରବୃତ୍ତି ସହିତ), ଏବଂ "ଦାନ" (ନିଜର ଅଧିକାର ର ପ୍ରିୟବସ୍ତୁ ସମର୍ପିତ କରିବା) ଯଜ୍ଞ ଅଟେ । ଏହି ଦୃଷ୍ଟିରୁ ନିର୍ଧାରିତ, ଅଥବା ସ୍ୱୀକୃତ ଶ୍ରେଷ୍ଠ କର୍ତ୍ତବ୍ୟମାନଙ୍କୁ ମଧ୍ୟ ଯଜ୍ଞ କୁହାଯାଏ । ଏହି ଭାବ ବିଭିନ୍ନ ଗ୍ରନ୍ଥମାନଙ୍କରେ ସ୍ଥାନ-ସ୍ଥାନରେ ବହୁତ ସ୍ୱଷ୍ଟତାର ସହିତ ମିଳିଥାଏ । ଯେପରି -

**ଆରମ୍ଭଯଜ୍ଞାଃ କ୍ଷତ୍ରାଶ୍ଚ ହବିର୍ଯଜ୍ଞା ବିଶଃ ସ୍ମୃତାଃ ।**
**ପରିଚାରଯଜ୍ଞାଃ ଶୁଦ୍ରାଶ୍ଚ ଜପଯଜ୍ଞା ଦ୍ୱିଜାସ୍ତଥା ।।** (ମହାଭାରତ ଶାନ୍ତିପର୍ବ ୩୬୭.୧୨)

ଅର୍ଥାତ୍ କ୍ଷତ୍ରିୟମାନଙ୍କ ପାଇଁ ପରାକ୍ରମ-ଉଦ୍ୟୋଗ କରିବା ଯଜ୍ଞ ଅଟେ । ହୋମ ଆଦି (ଅନ୍ନାଦି ସାଧନାମନଙ୍କରୁ ଯଜନ) କରିବା ବୈଶ୍ୟମାନଙ୍କର ଯଜ୍ଞ ଅଟେ । ଶୁଦ୍ରମାନଙ୍କ ପାଇଁ ଶ୍ରେଷ୍ଠ ସେବାକାର୍ଯ୍ୟ ଯଜ୍ଞ ଅଟେ, ତଥା ବ୍ରାହ୍ମଣମାନଙ୍କ ପାଇଁ ଜପ ଆଦି (ଆତ୍ମ ଚେତନାକୁ ପରମାତ୍ମା ଚେତନା ସହିତ ଯୁକ୍ତ କରିବା) କର୍ମ ଯଜ୍ଞ ଅଟେ ।

ଯେଉଁଠି ଅଗ୍ନିହୋତ୍ର ପ୍ରକାର ଯଜ୍ଞ ପ୍ରସଙ୍ଗ ଆସେ, ସେଠି ମଧ୍ୟ ଅଗ୍ନିରେ ଦିଆଯାଉଥିବା ସାମଗ୍ରୀ ମାନଙ୍କୁ ଏକ ଛୋଟ କ୍ରିୟାଭଳି କର୍ମ ମାନିବା ବା ବିଚାରରେ ସୀମିତ ରଖିବା ଠିକ୍ ନୁହେଁ । ଏହା ସହିତ ପ୍ରବୃତିମାନଙ୍କର ଶୋଧନ, ପର୍ଯ୍ୟାବରଣର ସନ୍ତୁଳନ, ତଥା ଶ୍ରେଷ୍ଠ ସାମାଜିକ ପରମ୍ପରାମାନଙ୍କ ବିସ୍ତାର ଭଳି ଶ୍ରେଷ୍ଠ ଦୃଷ୍ଟି ସହିତ ଯୋଡିକରି ଦେଖିବା ଉଚିତ୍ । ଯଜ୍ଞିୟ କର୍ମକାଣ୍ଡ

Not For Commercial Use

ସହିତ ଶ୍ରେଷ୍ଠ ଭାବନା, ବିଚାର ଓ ପ୍ରେରଣା ମାନଙ୍କ ସହିତ ଯୋଡିକରି ଦେଖିବା ଅନିବାର୍ଯ୍ୟ ଅଟେ । ଏହିସବୁ ବିଷୟମାନଙ୍କର ଧ୍ୟାନ ଆକର୍ଷଣକରି 'ମୀମାଂସା ଦର୍ଶନ'ର ଅଷ୍ଟମ ପାଦର ସୂତ୍ର ୯.୧୦.୧୧ ରେ କୁହାଯାଇଛି ଯେ, - କେବଳ ଧନଖର୍ଚ୍ଚ କରିବା ଦ୍ୱାରା ଯଜ୍ଞରେ ସିଦ୍ଧି ମିଳେ ନାହିଁ, ସେଥିପାଇଁ ତପ ଆଦି କରିବା ଆବଶ୍ୟକ ଅଟେ । ବିଦ୍ୱାନମାନେ ମତ ଦିଅନ୍ତି ଯେ, ବିଧିବଦ୍ଧ ଦ୍ୱାରା କରାଯାଉଥିବା ଯଜନ କାର୍ଯ୍ୟରୁ ପ୍ରକୃତିର ସନ୍ତୁଳନ ଚକ୍ର (ଇକୋଲୋଜିକଲ୍ ସାଇକେଲ୍) କୁ ସହଯୋଗ ମିଳିଥାଏ । ଏହି ଦୃଷ୍ଟିରୁ ବେଦରେ ଯଜନ କର୍ମର ମହତ୍ତ୍ୱ ବିଷୟରେ ଏହା କୁହାଯାଇଛି ଯେ, -
"**ଇୟଂ ବେଦିଃ ପରୋଅନ୍ତଃ ପୃଥିବ୍ୟାଃ ଅୟଂ ଯଜ୍ଞୋ ଭୁବନସ୍ୟ ନାଭିଃ**" (ଯଜୁଃ - ୨୩.୬୨),

ଅର୍ଥାତ୍ ଏହି ଯଜ୍ଞବେଦି ପୃଥିବୀର ଅନ୍ତିମ ବିନ୍ଦୁ ଅଟେ ଓ ଏହି ଯଜ୍ଞ ଏହି ଭୁବନର ନାଭିକେନ୍ଦ୍ର ସ୍ଥଳ ଅଟେ । ଯଜ୍ଞବେଦି ପୃଥିବୀର ଅନ୍ତିମ ବିନ୍ଦୁ କେମିତି ? ଅନ୍ତିମ ବିନ୍ଦୁ ପର୍ଯ୍ୟନ୍ତ ପହଞ୍ଚିବା ପୁରୁଷାର୍ଥ ଉତ୍କୃଷ୍ଟତାର ସୂଚକ ଅଟେ । ପୃଥିବୀରେ ସର୍ବଶ୍ରେଷ୍ଠ ପୁରୁଷାର୍ଥ ଯଜ୍ଞାନୁଷ୍ଠାନ ହିଁ ଅଟେ, ସେହି ଦୃଷ୍ଟିରୁ । ବ୍ରହ୍ମାଣ୍ଡର ସଂଚାଳନ ଯଜ୍ଞିୟ ପ୍ରକ୍ରିୟାରେ ଚାଲିଆସୁଅଛି, ସେଥିପାଇଁ ଯଜ୍ଞକୁ ତାହାର ନାଭି (ଯଜ୍ଞୋ ଭୁବନସ୍ୟ ନାଭିଃ) କୁହାଯାଇଛି । ଯଜୁର୍ବେଦର ମନ୍ତ୍ରମାନଙ୍କର ସମ୍ବନ୍ଧ ଯଜ୍ଞ ସହିତ ଯୋଡିକରି ଦେଖିବା ସମୟରେ ଏହିସବୁ ବ୍ୟାପକ ସନ୍ଦର୍ଭ ମାନଙ୍କୁ ଧ୍ୟାନରେ ରଖିବା ଆବଶ୍ୟକ ଅଟେ ।

Not For Commercial Use

# ଯଜୁର୍ବେଦରେ ଋଷି, ଦେବତା, ଛନ୍ଦର ମହତ୍ୱ ଓ ତାହାର ନିର୍ଧାରଣ

ମନ୍ତ୍ରାର୍ଥ କରିବା ସମୟରେ ଯେଉଁଭଳି "ଯଜ୍ଞ"ର ବିଭିନ୍ନ ରୂପକୁ ଧ୍ୟାନରେ ରଖିବା ଆବଶ୍ୟକ ହୋଇଥାଏ, ସେହିଭଳି ମନ୍ତ୍ରସମୂହଙ୍କ ସମ୍ବନ୍ଧରେ ଋଷି, ଦେବତା ଓ ଛନ୍ଦ ମାନଙ୍କର ପ୍ରକୃତିକୁ ମଧ୍ୟ ଜାଣିବା ଆବଶ୍ୟକ ଅଟେ । ଏହା କୁହାଯାଏ ଯେ, - ଯିଏ ଋଷି, ଦେବତା ଓ ଛନ୍ଦ ଆଦି ବିନିଯୋଗ ନ କରି ବେଦାଧ୍ୟୟନ, ଅଧ୍ୟାପନ ଆଦି କରେ, ସିଏ ଅତିଶୟ ପାପର ଭାଗୀଦାର ହୁଏ । ଅପର ପକ୍ଷରେ ଯିଏ ଋଷି, ଦେବତା ଓ ଛନ୍ଦ ଆଦି ମାନଙ୍କର ବିଦ୍ଧିବଧ ଜ୍ଞାନ ସହିତ ସ୍ୱାଧ୍ୟାୟ-ଅଧ୍ୟାପନ ଆଦି କରେ, ତାଙ୍କର ସକଳ ମନୋରଥ ପ୍ରାପ୍ତ ହୁଏ, ଏହା ସହିତ ଯଦି ଅର୍ଥବୋଧକ ପୂର୍ବକ ଅଧ୍ୟାୟନାଦି କରେ, ତାଙ୍କୁ ଅଧିକ ସଫଳ ପ୍ରାପ୍ତ ହୋଇଥାଏ । ଏହି କଥା ଆଚାର୍ଯ୍ୟ କାତ୍ତାୟନ ତାଙ୍କ ସର୍ବାନୁକ୍ରମସୂତ୍ର ୧.୧ ରେ କହିଛନ୍ତି । ସେହିଭଳି ମଧ୍ୟ ମହର୍ଷି ଶୌନକ ବ୍ୟକ୍ତ କରିଛନ୍ତି (ବୃହଦ୍ଦେବତା ୮.୧୩୨) । ଋଷି, ଦେବତା ଓ ଛନ୍ଦ ଆଦି ବେଦ ମନ୍ତ୍ରମାନଙ୍କର ଅର୍ଥ ବିଶ୍ଳେଷଣ କରିବାରେ ଯଥାର୍ଥ ସାହାଯ୍ୟ କହିଥାଏ ।

**ଉଦାହରଣ ସ୍ୱରୂପ -**

**ଋଷି** - କୌଣସି କଥନ ବା ଉକ୍ତିର ବାସ୍ତବିକ ଭାବ ତାହାର ବକ୍ତାର ବ୍ୟକ୍ତିତ୍ୱ ଜାଣିବା ବିନା ବାହରକରିବା କଠିନ କାର୍ଯ୍ୟ ଅଟେ । "**ମୋ ସମ କୌନ କୁଟିଲ ଖଲ କାମୀ**" ଏହି ଉକ୍ତିକୁ ସାମାନ୍ୟ ଦୃଷିକୋଣରୁ  ଦେଖିଲେ ଲାଗିବ ଯେ, କୌଣସି ଏକ ଅଧମ ବ୍ୟକ୍ତିର କଥନ; କିନ୍ତୁ ଏହି ବାକ୍ୟ "ସନ୍ଥ ସୂରଦାସ"ଙ୍କର ଅଟେ, ଏହାର ରଚକ ସ୍ପଷ୍ଟ ହେବାପରେ ଏହି ଉକ୍ତି ଅତି ଗହନ ଆତ୍ମଚିନ୍ତନ ଯୁକ୍ତ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ନିଆଯିବ । ତେଣୁ ଋଷିଙ୍କ ବ୍ୟକ୍ତିତ୍ୱ ଓ ଦୃଷ୍ଟିକୁ ଧ୍ୟାନରେ ରଖି ତାଙ୍କର କଥନ ବା ଉକ୍ତିର ଅର୍ଥ କରାଯିବା ଉଚିତ ।

**ଦେବତା** - ଋଷି କୌଣସି ସାମାନ୍ୟ କ୍ରିୟା ବା ସାମାନ୍ୟ ଉପକରଣ ପଛରେ ସନ୍ନିହିତ କୌଣସି ଦିବ୍ୟ ଚେତନ ଶକ୍ତିର ସକ୍ରିୟତା ଦେଖନ୍ତି । ସେହି ଦେବଶକ୍ତିର ସମ୍ବନ୍ଧରେ କୌଣସି ଅବଧାରଣା ନ ଥିଲେ, ସେହି ଉକ୍ତିର ଭାବ ଜାଣିବା ସହଜ ହେବ ନାହିଁ । "**ସୋମେନାଦିତ୍ୟଃ ବଲିନଃ**" ଏହି ଉକ୍ତିରୁ ଯଦି ସୋମଙ୍କୁ ସୋମବଲ୍ଲୀ ମାନି ନିଆଯାଏ, କେମିତି ଚଳିବ ? ଏଠି ସୋମଙ୍କ ଦିବ୍ୟ ପ୍ରବାହର ସ୍ୱରୂପ

ସ୍ପଷ୍ଟହେବା ଦରକାର ଯେ, ସୂର୍ଯ୍ୟଙ୍କ ଅବିରଳ ଶକ୍ତି ବଳରେ ସୋମଙ୍କର ଦିବ୍ୟତା କୋଟି ବର୍ଷରୁ ହୋଇ ଆସୁଛନ୍ତି । ତେଣୁ ବସ୍ତୁଆଦି ଅଥବା କ୍ରିୟାମାନଙ୍କ ସମ୍ବନ୍ଧୀୟ ଦେବ ପ୍ରବାହର ଅବଧାରଣା ବିନା ଠିକ୍ ଅର୍ଥ ବାହାର କରିବା ସମ୍ଭବ ନୁହେଁ ।

**ଛନ୍ଦ** - ଅଭୀଷ୍ଟ ଭାବମାନଙ୍କୁ ବ୍ୟକ୍ତ କରୁଥିବା ଶବ୍ଦମାନଙ୍କୁ କୌଣସି ବିଶେଷ-ଅନୁଶାସନରେ ବାନ୍ଧି ଦେଲେ ତାହା ଛନ୍ଦ ହୁଏ । ସଂସ୍କୃତ ବଡ ସମୃଦ୍ଧ ଭାଷା, ଏଥିରେ ଗୋଟିଏ ଭାବ ପାଇଁ ଅନେକ ଶବ୍ଦ ଉପଲବ୍ଧ, ତଥା ଗୋଟିଏ ଶବ୍ଦର ଅନେକ ଅର୍ଥ ଉପଲବ୍ଧ ଅଛି । ଛନ୍ଦରେ ମନ୍ତ୍ରମାନଙ୍କର ମର୍ଯ୍ୟଦା ଅନୁରୂପ ଶବ୍ଦମାନଙ୍କର ଚୟନ କରାଯାଇଥାଏ । ତେଣୁ ଅନେକାର୍ଥ ଶବ୍ଦମାନଙ୍କର ଅର୍ଥ ଛନ୍ଦର ଭାବାନୁସାରେ ନିର୍ଣ୍ଣୟ କରାଯାଏ । ଛନ୍ଦ ରଚନାରେ ଶବ୍ଦମାନଙ୍କର ସ୍ଥାନ ଅନେକଥର ବଦଳାଇବାକୁ ପଡିଥାଏ, ଅନ୍ୱୟରେ ଯଦି ସେମାନଙ୍କୁ ଏପଟ ସେପଟ କରିଦିଆଯାଏ, ତେବେ ତାହାର ଭାବ ବଦଳିଯାଏ । ତେଣୁ ଛନ୍ଦର ମର୍ଯ୍ୟଦା ବୁଝି ନ ପାରିଲେ ଏହାର ଅର୍ଥ ନିର୍ଣ୍ଣୟ କରିବା କଠିନ । ପୁନଃ ଛନ୍ଦର ସମ୍ବନ୍ଧ 'ଉଚ୍ଚାରଣ ଓ ଧ୍ୱନି-ବିଜ୍ଞାନ' ସହିତ ସଂଯୁକ୍ତ ଅଟେ । ମନ୍ତ୍ର ପ୍ରୟୋଗରେ ଛନ୍ଦର ଭାବାନୁରୂପ ହିଁ ଉଚ୍ଚାରଣ ବା ପାଠ କରିବା ଦରକାର । ଏକ ବାକ୍ୟ "**ମୁଁ ଧନ୍ୟ ହୋଇଗଲି**", ଶ୍ରଦ୍ଧା ଭାବରେ, ପ୍ରସନ୍ନ ଭାବରେ, ଅଥବା ବ୍ୟଙ୍ଗ ଭାବରେ କୁହାଯାଇପାରେ । ସେଥିପାଇଁ ମନ୍ତ୍ରମାନଙ୍କର ସାର୍ଥକ ପ୍ରୟୋଗରେ ଛନ୍ଦ ମର୍ଯ୍ୟଦାର ଜ୍ଞାନ ଅତ୍ୟନ୍ତ ଆବଶ୍ୟକ ଅଟେ ।

ଯଜୁର୍ବେଦ ରଚନାରେ ଋଷି, ଦେବତା ଓ ଛନ୍ଦ ନିର୍ଧାରଣ କରିବା ଏକ ଶ୍ରମସାଧ୍ୟ କାର୍ଯ୍ୟ ଅଟେ । **ଋଷି** - ଆଚର୍ଯ୍ୟ ସାୟଣ ତାଙ୍କ ଭାଷ୍ୟରେ ଋଷିଙ୍କର ତାତ୍ପର୍ଯ୍ୟ ସ୍ପଷ୍ଟକରି ଲେଖିଛନ୍ତି ଯେ - ମନ୍ତ୍ରର ପ୍ରବକ୍ତାଙ୍କୁ ଋଷି କୁହାଯାଏ - "**ଯସ୍ୟ ବାକ୍ୟଂ ସ ଋଷିଃ**" (ଋ-୧୦.୧୦, ସା.ଭା) । ଯଜୁର୍ବେଦ ସନ୍ଦର୍ଭରେ ଯେବେ ଋଷିମାନଙ୍କ ସମ୍ବନ୍ଧରେ ବିଚାର କରାଯାଏ, ସେଠାରେ ଋଷିମାନଙ୍କର ୩ଟି ରୂପ ପରିଲକ୍ଷିତ ହୁଏ ।

୧ - ପ୍ରଥମଟି ଏହି ବେଦର ଆଦିଦ୍ରଷ୍ଟା-ପ୍ରତ୍ନଦ୍ରଷ୍ଟା "ଋଷି ବିବସ୍ୱାନ୍" ଅଟନ୍ତି, ଏହା "ଯଜୁଃ ସର୍ବାନୁକ୍ରମସୂତ୍ର" ରେ ଉଲ୍ଲେଖ ଅଛି - "**ଇଷେତ୍ୱାଦି ଖଂ ବ୍ରହ୍ମାନ୍ତଂ ବିବସ୍ୱାନ୍ ଅପଶ୍ୟତ୍**" (ପୃଷ୍ଠା -୧) । ଏହି ବେଦଜ୍ଞାନ "ସୂର୍ଯ୍ୟ"ଙ୍କ ଦ୍ୱାରା କ୍ରମଶଃ ଯାଜ୍ଞବଲ୍କ୍ୟ ଆଦିଙ୍କ ମାଧ୍ୟମରେ ପୃଥିବୀ ପୃଷ୍ଠରେ ପ୍ରସାରିତ ହେଲେ – ଏହା ସର୍ବବିଦିତ ତଥ୍ୟ ଅଟେ ।

Not For Commercial Use

୨ - ଦ୍ୱିତୀୟ ସ୍ତରରେ ଏହି ବେଦର ସେହି ଋଷିମାନେ ଅଟନ୍ତି, ଯେଉଁମାନେ "ଦର୍ଶପୌର୍ଣ୍ଣମାସ" ଆଦି ପ୍ରକରଣ  ବିଶେଷର ସାମୁହିକ ଋଷି ରୂପରେ ପ୍ରସିଦ୍ଧ ଅଟନ୍ତି, ଯେଉଁମାନେ ପ୍ରାୟଃ ଦେବସ୍ତର ର ଅଟନ୍ତି । ଏହାର ଉଲ୍ଲେଖ ସର୍ବାନୁକ୍ରମସୂତ୍ରରେ ଅଛି - "**ତତଃ ପ୍ରତିକର୍ମ-ବିଭାଗେନ ବ୍ରାହ୍ମଣାନୁସାରେଣ ଋଷୟୋ ବେଦିତବ୍ୟାଃ**" । ଏଠାରେ ଦେବସ୍ତର ର ଋଷିମାନଙ୍କର ୨ଟି ଅପବାଦ ମଧ୍ୟ ଅଛି - (କ) ଯାଜ୍ଞବଲ୍କ୍ୟ (ଖ) ଦଧ୍ୟଙ୍ ଆଥର୍ବଣ ।

୩. ତୃତୀୟ ସ୍ତରରେ ସେହି ସମସ୍ତ ଋଷିମାନେ ଆସନ୍ତି, ଯେଉଁମାନେ ବେଦମନ୍ତ୍ରକୁ ଦେବତାମାନଙ୍କ ସ୍ତୁତି-ପ୍ରାର୍ଥନା ଆଦି ରୂପରେ ପ୍ରୟୋଗ କରିଛନ୍ତି ଓ ସିଦ୍ଧି ପ୍ରାପ୍ତ କରିଛନ୍ତି । ସେମାନେ ବୈୟକ୍ତିକ ସ୍ତରର ଯଥାବସର ସମ୍ବନ୍ଧ ଋଷି ରୂପରେ ମାନ୍ୟତା ପ୍ରାପ୍ତ ଅଟନ୍ତି ।

ଏହି ପ୍ରସ୍ତୁତ ଯଜୁର୍ବେଦ ସଂହିତା (ମାଧ୍ୟନ୍ଦିନ) ର ପ୍ରତ୍ୟକ ଅଧ୍ୟାୟର ଅନ୍ତିମ ଭାଗରେ ("**ଋଷି, ଦେବାତା ଓ ଛନ୍ଦ ବିବରଣୀ**") ୩ୟ ସ୍ତରର ଋଷି ମାନଙ୍କର ଉଲ୍ଲେଖ କରାଯାଇଛି । ପ୍ରଥମ ଓ ଦ୍ୱିତୀୟ ସ୍ତରର ଋଷିମାନଙ୍କର ସୂଚୀ ନିମ୍ନ ପ୍ରକାରର –

**ପ୍ରଥମ ସ୍ତର** - ଅଧ୍ୟାୟ ୧ ରୁ ୪୦ ପର୍ଯ୍ୟନ୍ତ, ଅର୍ଥାତ ସଂପୂର୍ଣ୍ଣ ଶୁକ୍ଳ ଯଜୁର୍ବେଦର ଋଷି ବିବସ୍ୱାନ୍ ଅଟନ୍ତି ।

**ଦ୍ୱିତୀୟ ସ୍ତର** -

| ପ୍ରକରଣ | ଅଧ୍ୟାୟ-କଣ୍ଡିକା | ଋଷି ନାମ |
|---|---|---|
| ଦର୍ଶପୂର୍ଣ୍ଣମାସ | ୧.୧-୨.୨୮ | ପରମେଷ୍ଠୀ ପ୍ରଜାପତି ବା ଦେବଗଣ ପ୍ରଜାପତି |
| ପିତୃଯଜ୍ଞ | ୨.୨୯-୨.୩୪ | ପ୍ରଜାପତି |
| ଅଗ୍ନ୍ୟାଧେୟ | ୩.୧-୩.୮ | ପ୍ରଜାପତି, ଦେବଗଣ, ଅଗ୍ନି, ବା ଗନ୍ଧର୍ବ |
| ଅଗ୍ନିହୋତ୍ର | ୩.୯-୩.୧୦ | ପ୍ରଜାପତି |
| ଯଜମାନାଗ୍ନି-ଉପସ୍ଥାନ | ୩.୧୧-୩.୩୬ | ଦେବଗଣ |
| ଆଗତୋପସ୍ଥାନ | ୩.୩୭-୩.୪୩ | ଆଦିତ୍ୟ |
| ଚାତୁର୍ମାସ୍ୟ | ୩.୪୪-୩.୬୩ | ପ୍ରଜାପତି |
| ଅଗ୍ନିଷ୍ଟୋମ | ୪.୧-୮.୩୨ | ପ୍ରଜାପତି |
| ସତ୍ରୋପସ୍ଥାନ | ୮.୫୧-୮.୫୩ | ଦେବଗଣ |
| ନୈମିତ୍ତିକ | ୮.୫୪-୮.୬୩ | ବସିଷ୍ଠ |

Not For Commercial Use

| | | |
|---|---|---|
| ବାଜପେୟ | ୯.୧-୯.୩୪ | ବୃହସ୍ପତି, ଇନ୍ଦ୍ର |
| ରାଜସୂୟ | ୯.୩୫-୧୦.୩୦ | ବରୁଣ |
| ଚରକସୌତ୍ରାମଣୀ | ୧୦.୩୧-୧୦.୩୪ | ଅଶ୍ୱିନୀକୁମାର |
| ଅଗ୍ନିଚୟନ | ୧୧-୧୮ ଅଧ୍ୟାୟ | ପ୍ରଜାପତି. ବା ସାଧ୍ୟଗଣ |
| ସୌତ୍ରାମଣୀ | ୧୯-୨୧ ଅଧ୍ୟାୟ<br>୨୮ ଅଧ୍ୟାୟ | ପ୍ରଜାପତି,<br>ଅଶ୍ୱିନୀକୁମାର, ସରସ୍ୱତୀ |
| ଅଶ୍ୱମେଧ | ୨୨-୨୫ ଅଧ୍ୟାୟ<br>ଏବଂ ୨୯ ଅଧ୍ୟାୟ | ପ୍ରଜାପତି<br>ପ୍ରଜାପତି |
| ଅଗ୍ନିକୋଽଧ୍ୟାୟ | ୨୭ ଅଧ୍ୟାୟ | ପ୍ରଜାପତି |
| ପୁରୁଷମେଧ | ୩୦-୩୧ ଅଧ୍ୟାୟ | ନାରାୟଣପୁରୁଷ |
| ସର୍ବମେଧ | ୩୨ ଅଧ୍ୟାୟ | ବ୍ରହ୍ମ, ସ୍ୱୟଂଭୂ |
| ଅନାରଭ୍ୟାଧୀତ | ୩୩.୫୫-୩୪.୫୮ | ଆଦିତ୍ୟ, ଯାଜ୍ଞବଲ୍କ୍ୟ |
| ପିତ୍ର୍ୟୋଽଧ୍ୟାୟ | ୩୫ ଅଧ୍ୟାୟ | ଆଦିତ୍ୟ ଅଥବା ଦେବଗଣ |
| ପ୍ରବର୍ଗ୍ୟାଗ୍ନିକାଶ୍ୱ | ୩୬ ଅଧ୍ୟାୟ | ଦଧ୍ୟଙ୍ଆଥର୍ବଣ |
| ମେଧୋପନିଷତ୍ ମହାବୀର-ସମ୍ଭରଣ | ୩୭ ଅଧ୍ୟାୟ | ଦଧ୍ୟଙ୍ଆଥର୍ବଣ |
| ପ୍ରୋକ୍ଷଣାଦି ମହାବୀର-ନିରୂପଣେ | ୩୮ ଅଧ୍ୟାୟ | ଦଧ୍ୟଙ୍-ଆଥର୍ବଣ |
| ଘର୍ମଧୁଗ୍-ଦୋହନମ୍-ପ୍ରବର୍ଗ୍ୟେ-<br>ଘର୍ମଭେଦେ-ପ୍ରାୟଶ୍ଚିତ | ୩୯ ଅଧ୍ୟାୟ | ଦଧ୍ୟଙ୍-ଆଥର୍ବଣ |
| ଇଶାବାସ୍ୟୋପନିଷତ୍ | ୪୦ ଅଧ୍ୟାୟ | ଦଧ୍ୟଙ୍-ଆଥର୍ବଣ |

**ଦେବତା** - ମନ୍ତ୍ରଦ୍ରଷ୍ଟା ଋଷିଗଣ ନିଜର ସାକ୍ଷାତ୍କୃତ ମନ୍ତ୍ରମାନଙ୍କରେ ଯାହାଙ୍କର ସ୍ତୁତି କରନ୍ତି, ଯାହାଙ୍କର ବର୍ଣ୍ଣନ କରିଛନ୍ତି, ସେମାନେ ସେହି ମନ୍ତ୍ରର ଦେବତା ଅଟନ୍ତି । ଏକଥା ସାୟଣାଚାର୍ଯ୍ୟଙ୍କ ଭାଷ୍ୟରେ (ସା.ଭା - ୧୦.୧୦) ମଧ୍ୟ କୁହାଯାଇଛି - "**ୟା ତେନୋଚ୍ୟତେ ସା ଦେବତା**" । ଏହି ପରିପ୍ରେକ୍ଷ୍ୟରେ ଯେବେ ଯଜୁର୍ବେଦରେ ଦେଦତା ନିର୍ଧାରଣ ଉପରେ ବିଚାର କରାଯାଏ, ସେତେବେଳେ ଅତିକମରେ ୨ଟି ବିଚାରଧାରା ସାମ୍ନାକୁ ଆସିଥାଏ । ପ୍ରଥମଟି **ସନାତନ** ଧାରା ଅଟେ, ଯାହା ଯଜୁର୍ବେଦକୁ ଅଶ୍ୱମେଧାଦି ଯଜ୍ଞୀୟ ସନ୍ଦର୍ଭରେ ମାନିଛନ୍ତି ଓ ତାହାର ବ୍ୟାଖ୍ୟା କରିଛନ୍ତି

Not For Commercial Use

। ଦ୍ୱିତୀୟ ଧାରାଟି ଅତି **ବିଚାରଶୀଳ** ଅଟେ, ଯାହା ଯଜୁର୍ବେଦକୁ ଆଦର୍ଶ ସାମାଜ-ବ୍ୟବସ୍ଥାର ସୂତ୍ରଧାର ମାନନ୍ତି ଓ ସେହି ପରିପ୍ରେକ୍ଷ୍ୟରେ ବ୍ୟାଖ୍ୟା କରନ୍ତି । ଏହି କାରଣରୁ ସଂହିତା ମାନଙ୍କରେ ଏହି ଦୁଇଟି ବିଚାରଧାରା ପାଇଁ ଦୁଇପ୍ରକାର ର ଦେବତା ନିର୍ଧାରଣ ଉପଲବ୍ଧ ଦେଖାଯାଏ । ଏହି ବିଷୟରେ ପର୍ଯ୍ୟାପ୍ତ ଅଧ୍ୟୟନ ଓ ଗବେଷଣାର ଆବଶ୍ୟକତା ରହିଛି । ଏହି ସଂକଳନରେ ଉପଯୁକ୍ତ ସିଦ୍ଧ ତଥ୍ୟକୁ ସ୍ୱୀକାର କରାଯାଇ, ସେମାନଙ୍କର ତଥ୍ୟ ପ୍ରତିପାଦନ କରାଯାଇଛି । ଯଜୁର୍ବେଦର ପ୍ରତିମନ୍ତ୍ର ଦେବତାମାନଙ୍କୁ ପ୍ରତ୍ୟେକ ଅଧ୍ୟାୟ ଶେଷରେ "**ଋଷି, ଦେବାତା ଓ ଛନ୍ଦ ବିବରଣୀ**"ରେ ଦିଆଯାଇଛି ।

**ଛନ୍ଦ** - ଛନ୍ଦମାନଙ୍କର ନିର୍ଧାରଣ କରିବାରେ ପର୍ଯ୍ୟାପ୍ତ କଠିନତା ଆସିଥିଲା । ଯତ୍ର-ତତ୍ର ଛନ୍ଦମାନଙ୍କର ନିର୍ଧାରଣର ଯେଉଁ ସୂଚୀମାନ ଉପଲବ୍ଧ ଅଛି, ସେଥିରେ ମନ୍ତ୍ରସମୁହଙ୍କୁ ଯେଉଁ ଛନ୍ଦରେ ନିର୍ଧାରଣ କରାଯାଇଛି, ସେମାନେ ଛନ୍ଦର ବ୍ୟାକରଣ ଦୃଷ୍ଟିରୁ ଅନେକ ସ୍ଥାନରେ ମେଳ ଖାଉନାହାଁନ୍ତି । ଏହା ହୋଇପାରେ ଯେ, ପୂର୍ବ ଆଚାର୍ଯ୍ୟମାନେ ପ୍ରଥମେ ଯଜୁଷ୍ ମନ୍ତ୍ରମାନଙ୍କର ଛନ୍ଦମାନଙ୍କ ପାଇଁ ଅନ୍ୟ କୌଣସି ସୂତ୍ର  ନିର୍ଧାରିତ କରିଥିଲେ ? ଅଥବା ପରସମୟରେ ବ୍ୟାକରଣ ଦ୍ୱାରା ନିର୍ଧାରିତ ସୂତ୍ର ମାନଙ୍କରେ ସେମାନଙ୍କର ସଂଗୀତ ତାଳ ଖାଇ ପାରୁନଥିଲା ।

ଉକ୍ତ ପ୍ରଭେଦ ଦୃଷ୍ଟିକୋଣରୁ ଏହି ପ୍ରକରଣ ପର୍ଯ୍ୟାପ୍ତ ଶୋଧାତ୍ମକ ଅଧ୍ୟୟନ-ନିର୍ଧାରଣର ଅପେକ୍ଷା ରଖୁଛି । ଏହି ଭାଷାର୍ଥ ସହିତ ପରମ୍ପରା ଓ ବିବେକ ର ସଂଯୋଗ କରି ଛନ୍ଦମାନଙ୍କର ସୂଚନା ପରିଶ୍ରମପୂର୍ବକ ତିଆରି କରାଯାଇଛି, ଓ ସେମାନଙ୍କର ସୂଚନା ଅଧ୍ୟାୟର ଶେଷରେ "**ଋଷି, ଦେବତା ଓ ଛନ୍ଦ ବିବରଣୀ**"ରେ ଦିଆଯାଇଛି ।

ଏହି ନିର୍ଧାରଣ ପ୍ରକ୍ରିୟାରେ (୧) କାତ୍ୟାୟନ ପ୍ରଣୀତ "**ଯଜୁଃ ସର୍ବାନୁକ୍ରମ ସୂତ୍ର**", (୨) ବୈଦିକ ଯନ୍ତ୍ରାଳୟ, ଆଜମେର (ସଂବତ୍ ୨୦୦୭) ର "**ଯଜୁର୍ବେଦ ସଂହିତା**" ଏବଂ (୩) ନିର୍ଣ୍ଣୟ ସାଗର ପ୍ରେସ୍, ବମ୍ବେ (ସନ୍ ୧୯୨୧) ର "**ଶୁକ୍ଳ ଯଜୁର୍ବେଦ ସଂହିତା**"ର ପ୍ରମୁଖରୂପେ ସାହାଯ୍ୟ ନିଆଯାଇଛି ।

Not For Commercial Use

# ଯଜୁର୍ବେଦରେ ମେଧ ପ୍ରକରଣ ! କିଛି ଭ୍ରମତା

ବେଦରେ "ମେଧ" ଶବ୍ଦ "ଯଜ୍ଞ"ର ପର୍ଯ୍ୟାୟ ଅଟେ । ନିରୁକ୍ତର ନିଘଣ୍ଟୁରେ ଯଜ୍ଞର ୨୫ଟି ନାମ ଦିଆଯାଇଛି । ସେଥିମଧ୍ୟରେ "ଅଧ୍ୱର" ତଥା "ମେଧ" ମଧ୍ୟ ସମ୍ମିଳିତ ଅଟେ । "ଅଧ୍ୱର"ର ଶାବ୍ଦିକ ଅର୍ଥ ଯଦି କରାଯାଏ, ଏହାର ଅର୍ଥ ହୁଏ "**ଧ୍ୱରାତି ବଧକର୍ମା**" "**ନ ଧ୍ୱରଃ ଇତି ଅଧ୍ୱରଃ**", ଅର୍ଥାତ୍ ହିଂସାର ନିଷେଧ କରିବାର କର୍ମ । "ମେଧ" ଶବ୍ଦର ଅର୍ଥ ସ୍ପଷ୍ଟ କରିବା ହେତୁ ଧାତୁକୋଷରେ ଲେଖାଅଛି ଯେ - "**ମେଧୃ-ମେଧା, ହିସନୟୋଃ ସଂଗମେ ଚ**", ଅର୍ଥାତ୍ ମେଧ ଶବ୍ଦର ଉପଯୋଗ ୩ଟି ସଂଦର୍ଭରେ କରାଯାଇପାରେ । (୧) ମେଧା-ସଂବର୍ଧନ (୨) ହିଂସା (୩) ସଂଗମ, ସଂଗତିକରଣ, ଏକୀକରଣ, ସଂଗଠନ । ତେଣୁ ଯଜ୍ଞ ଯେତେବେଳେ "ଅଧ୍ୱର" ଅଟେ, ସେତେବେଳେ ସେହି ପ୍ରକରଣରେ "ମେଧ"ର ଅର୍ଥ ହିଂସା କେବେ ବି ହୋଇ ପାରେନା । "ମେଧା-ସଂବର୍ଧନ" ଏବଂ "ସଂଗତିକରଣ" ର ସଂଦର୍ଭରେ ହିଁ ନେବା ଉଚିତ୍ ହେବ ।

ଏହା ସର୍ବମାନ୍ୟ ଅଟେ ଯେ, "ବେଦବ୍ୟାସ" ବେଦକୁ ୪ଟି ଭାଗରେ ବିଭକ୍ତ କରିଥିଲେ । ସେ ଯଜ୍ଞରେ ହିଂସାର ନିଷେଧ କଥା ସ୍ପଷ୍ଟ ଭାବରେ ଲେଖିଛନ୍ତି ଯେ –

"**ସୁରାମତ୍ସ୍ୟା ମଧୁମାଂସମାସବଂ କୃସରୌଦନମ୍ ।**
**ଧୂର୍ତ୍ତୈଃ ପ୍ରବର୍ତ୍ତିତଂ ହ୍ୟେତନ୍ନୈତଦ୍ ବେଦେଷୁ କଲ୍ପିତମ୍ ।।**" (ମହାଭାରତ ଶାନ୍ତିପର୍ବ - ୨୬୫.୧) ।

ଅର୍ଥାତ୍, ଧୂର୍ତ୍ତମାନଙ୍କ ଦ୍ୱାରା ମଦ୍ୟ, ମତ୍ସ୍ୟ, ପଶୁମାଂସ, ଦ୍ୱିଜାତିମାନଙ୍କର ବଳିଦାନ ଆଦି ପ୍ରବର୍ତ୍ତିତ ହୋଇଅଛି, ବେଦ ମାନଙ୍କରେ ଏ ପ୍ରକାର ବିଧାନ ନାହିଁ । ତେଣୁ 'ମେଧ'ର ହିଂସାତ୍ମକ ଅର୍ଥ କୌଣସି ବିବେକଶୀଳ ବ୍ୟକ୍ତି କେବେ ହିଁ କରିବେ ନାହିଁ । ଯଜ୍ଞଭଳି ପାରମାର୍ଥିକ ପ୍ରକ୍ରିୟାକୁ ଏହି ଲାଞ୍ଛରୁ ଦୂରରେ ରଖିବା ଉଚିତ୍ ।

ଯଜୁର୍ବେଦକୁ ଯଜ୍ଞ ପ୍ରବୃତିର ବୋଲି କୁହାଯାଇଛି । ଦର୍ଶପୂର୍ଣ୍ଣମାସ, ସୋମଯଜ୍ଞ, ଅଗ୍ନିଷ୍ଟୋମ, ବାଜପେୟ, ରାଜସୂୟ, ସୌତ୍ରାମଣୀ ଆଦି ଯଜ୍ଞମାନଙ୍କରେ ଯଜୁର୍ମନ୍ତ୍ର ମାନଙ୍କର ବିନିଯୋଗ ହୋଇଥାଏ । "ମେଧ" ସମ୍ବୋଧନ ସହିତ ଯେଉଁ ଯଜ୍ଞମାନଙ୍କର ପ୍ରକରଣ କରାଯାଇଛି, ସେମାନେ ହେଲେ - ଅଶ୍ୱମେଧ, ପୁରୁଷମେଧ, ସର୍ବମେଧ, ତଥା ପିତୃମେଧ ଇତ୍ୟାଦି । ଏଥିରେ ମଧ୍ୟ "ମେଧ"ର ହିଂସାତ୍ମକ ଅର୍ଥ ସିଦ୍ଧ ହୁଏ ନାହିଁ । ଯଦି 'ମେଧ'ର ଅର୍ଥ ବଧ ହୁଏ, ତେବେ ପିତୃମେଧ କେମିତି

Not For Commercial Use

ସମ୍ଭବ ? କାରଣ ପିତରମାନଙ୍କର ଶରୀର ତ ଆଗରୁ ସମାପ୍ତ ହୋଇଯାଇଛି । ସେହିଭଳି 'ସର୍ବମେଧ'ରେ ଆତ୍ମାକୁ ପରମାତ୍ମାରେ ସମର୍ପିତକରି ମୁକ୍ତିପ୍ରାପ୍ତ କରିବା ବିଷୟରେ କୁହାଯାଇଛି । 'ପୁରୁଷମେଧ'ରେ ଆଦର୍ଶ ସମାଜବ୍ୟବସ୍ଥାର ଅନ୍ତର୍ଗତରେ କିପରି କୌଣସି ବ୍ୟକ୍ତିକୁ କେଉଁଠି ନିୟୋଜନ କରାଯିବା କଥା ବର୍ଣ୍ଣନା କରାଯାଇଛି ।

୩୨ତମ ଅଧ୍ୟାୟରେ "ଆଲଭନ" ଶବ୍ଦର ପ୍ରୟୋଗ ହୋଇଅଛି । "ମେଧ" ଭଳି ଆଲଭନ ଶବ୍ଦର ମଧ୍ୟ ଗୋଟିଏ ଅର୍ଥ ବଧ ଅଛି, କିନ୍ତୁ ତାହାର ମାନ୍ୟ ଅର୍ଥ ପ୍ରାପ୍ତ କରିବା, ଯୋଡିବା ଆଦି ମଧ୍ୟ ଅଟେ । ତେଣୁ "ଅଧ୍ୱର" ବଧଶୁନ୍ୟ ଯଜ୍ଞ କର୍ମରେ ତାହାର ହିଂସାତ୍ମକ ଅର୍ଥ ମାନଙ୍କୁ ଆଗ୍ରହ କରିବା ଉଚିତ୍ ନୁହେଁ ।

# ମାଧ୍ୟନ୍ଦିନ ସଂହିତା ଓ କାଣ୍ୱ ସଂହିତା ମଧ୍ୟରେ ଭେଦ ଓ ପ୍ରଭେଦ ।

ଶୁକ୍ଳ ଯଜୁର୍ବେଦର ୨ଟି ପ୍ରମୁଖ ଶାଖା ସଂହିତା ବର୍ତ୍ତମାନ ଉପଲବ୍ଧ ଅଟେ । ସେମାନେ ହେଲେ **(୧) ମାଧ୍ୟନ୍ଦିନ** ସଂହିତା ଓ **(୨) କାଣ୍ୱ** ସଂହିତା । ମାଧ୍ୟନ୍ଦିନ ସଂହିତା ଓ କାଣ୍ୱ ସଂହିତାର ବିଷୟବସ୍ତୁ ପ୍ରାୟତଃ ସମାନ । ଉଭୟଙ୍କ ମଧ୍ୟରେ ପ୍ରଭେଦ କହିଲେ, ମନ୍ତ୍ରମାନଙ୍କର ପ୍ରବନ୍ଧନର କ୍ରମ, ଯଥା, ମାଧ୍ୟନ୍ଦିନ ସଂହିତା "**ଜ୍ଞାନ ଦୃଷ୍ଟିକୋଣ**" କୁ ପ୍ରାଧାନ୍ୟ କରି ମନ୍ତ୍ରମାନଙ୍କର ପ୍ରବନ୍ଧନ କରାଯାଇଛି, କିନ୍ତୁ କାଣ୍ୱେ ସଂହିତା "**କର୍ମ ଦୃଷ୍ଟିକୋଣ**"କୁ ପ୍ରାଧ୍ୟାନ୍ୟ କରି ମନ୍ତ୍ରମାନଙ୍କର ପ୍ରବନ୍ଧନ କରାଯାଇଛି ।

## ମାଧ୍ୟନ୍ଦିନ ସଂହିତା

ମହର୍ଷି ଯାଜ୍ଞବଲ୍କ୍ୟଙ୍କ ଶିଷ୍ୟ "ମାଧ୍ୟନ୍ଦିନ" ଏହି ଶାଖା ସଂହିତାର ପ୍ରବକ୍ତା ଅଟନ୍ତି । ଏହି ସଂହିତା ଦୁଇଟି ଭାଗରେ ପ୍ରବିଭକ୍ତ କରାଯାଇଛି (୧) ପୂର୍ବବିଂଶତିଃ (ଅଧ୍ୟାୟ ୧ ରୁ ୨୦) (୨) ଉତ୍ତରବିଂଶତିଃ (ଅଧ୍ୟାୟ ୨୧ ରୁ ୪୦) । ପ୍ରତ୍ୟେକ ଅଧ୍ୟାୟରେ କଣ୍ଡିକାମାନ ଓ କଣ୍ଡିକାମାନଙ୍କ ମଧ୍ୟରେ ମନ୍ତ୍ରସମୁହ ପ୍ରବନ୍ଧିତ ରହିଅଛି । କିନ୍ତୁ ସାଧାରଣ ଜନମାନସ କଣ୍ଡିକାମାନଙ୍କୁ ହିଁ ମନ୍ତ୍ର ବୁଝନ୍ତି, ପରନ୍ତୁ

Not For Commercial Use

ଏକ କଣ୍ଡିକା କେତେକ ଭାଗରେ ଯଜ୍ଞାଦି ଅନୁଷ୍ଠାନ କର୍ମରେ ପ୍ରଯୁକ୍ତ ଥିବାରୁ ଏହା ଅନେକ ମନ୍ତ୍ରର ସମାହାର ହୋଇଥାଏ । ଏହି ସଂହିତାରେ ସମୁଦାୟ ୪୦ଟି ଅଧ୍ୟାୟ, ୧୯୭୫ ଟି ମନ୍ତ୍ର ରହିଅଛି । ଏହି ସଂହିତାରେ ଥିବା ଅଧ୍ୟାୟ, ମନ୍ତ୍ର, ଶବ୍ଦ ଓ ଅକ୍ଷର ସଂଖ୍ୟାର ତାଲିକା ତଳେ ଟେବୁଲରେ ଦିଆଗଲା ।

| ଅଧ୍ୟାୟ | ମନ୍ତ୍ର | ଶବ୍ଦ | ଅକ୍ଷର | ଅଧ୍ୟାୟ | ମନ୍ତ୍ର | ଶବ୍ଦ | ଅକ୍ଷର |
|---|---|---|---|---|---|---|---|
| 1 | 31 | 686 | 4603 | 21 | 61 | 1286 | 8476 |
| 2 | 34 | 712 | 4430 | 22 | 34 | 851 | 5425 |
| 3 | 63 | 940 | 4934 | 23 | 65 | 1073 | 5970 |
| 4 | 37 | 737 | 4350 | 24 | 40 | 586 | 4669 |
| 5 | 43 | 922 | 5801 | 25 | 47 | 911 | 6026 |
| 6 | 37 | 804 | 4638 | 26 | 26 | 452 | 2432 |
| 7 | 48 | 1028 | 6588 | 27 | 45 | 693 | 3805 |
| 8 | 63 | 1228 | 7397 | 28 | 46 | 821 | 5902 |
| 9 | 40 | 877 | 5718 | 29 | 60 | 1090 | 6283 |
| 10 | 34 | 764 | 5176 | 30 | 22 | 425 | 3258 |
| 11 | 83 | 1356 | 8414 | 31 | 22 | 316 | 1868 |
| 12 | 117 | 1823 | 10176 | 32 | 16 | 289 | 1458 |
| 13 | 58 | 1112 | 6632 | 33 | 97 | 1570 | 8404 |
| 14 | 31 | 739 | 5820 | 34 | 58 | 980 | 5435 |
| 15 | 65 | 1313 | 8294 | 35 | 22 | 336 | 1760 |
| 16 | 66 | 1295 | 6414 | 36 | 24 | 397 | 1833 |
| 17 | 99 | 1674 | 9287 | 37 | 21 | 498 | 2577 |
| 18 | 77 | 1845 | 9047 | 38 | 28 | 519 | 2992 |
| 19 | 95 | 1604 | 9049 | 39 | 13 | 277 | 1739 |
| 20 | 90 | 1363 | 7903 | 40 | 17 | 246 | 1399 |
| | | | | | | | |
| **ସମୁଦାୟ** | | | | | **1975** | **36438** | **216382** |

ଏହାର ବର୍ଣ୍ଣ୍ୟ ବିଷୟ ଯଜ୍ଞିୟ କର୍ମକାଣ୍ଡ ପାଇଁ ମନ୍ତ୍ର ପ୍ରସ୍ତୁତ କରିଥାଏ । କୃଷ୍ଣ ଯଜୁର୍ବେଦରେ କର୍ମକାଣ୍ଡ ଓ ମନ୍ତ୍ରସମୁହ ଉଭୟ ରହିଥାଏ, କିନ୍ତୁ ଏଥିରେ କର୍ମକାଣ୍ଡ ବିଧାୟକ ବ୍ରାହ୍ମଣ ଭାଗ ନାହିଁ, କେବଳ ବିଶୁଦ୍ଧ ମନ୍ତ୍ରଭାଗ ହିଁ ଅଛି, ପରନ୍ତୁ ଏହି ମନ୍ତ୍ରମାନଙ୍କର ଉପଯୋଗ ଯଜ୍ଞିୟ କର୍ମକାଣ୍ଡମାନ - ଦର୍ଶପୂର୍ଣ୍ଣମାସ, ଅଗ୍ନ୍ୟାଧାନ, ୟୂପ ନିର୍ମାଣ, ବାଜପେୟ, ରାଜସୂୟ, ଉଖା ସମ୍ଭରଣ, ଶତରୁଦ୍ରିୟ, ବସୋର୍ଧାରା, ସୌତ୍ରାମଣୀ, ଅଶ୍ୱମେଧ, ପୁରୁଷମେଧ, ସର୍ବମେଧ, ପିତୃମେଧ, ପ୍ରବର୍ଗ୍ୟ, ମହାବୀର ସମ୍ଭରଣ ଇତ୍ୟାଦି ପାଇଁ ହୋଇଥାଏ । ଏହାର ଅନ୍ତିମ ୪୦ତମ ଅଧ୍ୟାୟ ବିଶୁଦ୍ଧ ଜ୍ଞାନାତ୍ମକ ଅଟେ,

Not For Commercial Use

ଯାହାର ନାମ "**ଈଶାବାସ୍ୟୋପନିଷଦ୍**" । ଏହାକୁ ଆଦି ଉପନିଷଦ ହେବାର ଗୌରବ ପ୍ରାପ୍ତ ଅଛି । ତଥା ଏହି ସଂହିତାର ୩୪ତମ ଅଧ୍ୟାୟର ୬ଟି ମନ୍ତ୍ର ମଧ୍ୟ ଉପନିଷଦ ପ୍ରକାରର ଅଟନ୍ତି, ଯାହାକି "**ଶିବସଂକଲ୍ପୋପନିଷଦ୍**" ନାମରେ ଜଣାଯାଏ । (ଆଗକୁ ଏହି ପୁସ୍ତକରେ ମାଧ୍ୟନ୍ଦିନ ସଂହିତା ବିଷୟରେ ଅନେକ ତଥ୍ୟ ପାଇ ପାରିବେ)

## କାଣ୍ୱ ସଂହିତା

କାଣ୍ୱ ସଂହିତାର ପ୍ରବକ୍ତା ମଧ୍ୟ ମହର୍ଷି ଯାଜ୍ଞବଲ୍କ୍ୟଙ୍କ ଶିଷ୍ୟ ଋଷି କଣ୍ୱ ଅଟନ୍ତି । ଏହାର ବିଷୟବସ୍ତୁ ମଧ୍ୟ ମାଧ୍ୟନ୍ଦିନ ସଂହିତା ସହିତ ସମାନ ଅଟେ । ଏହି ସଂହିତାରେ ସମୁଦାୟ ୪୦ଟି ଅଧ୍ୟାୟ, ୩୨୮ଟି ଅନୁବାକ ଓ ୨୦୮୬ଟି ମନ୍ତ୍ରସମୁହ ରହିଅଛି । ଏହାର ପ୍ରତ୍ୟେକ ଅଧ୍ୟାୟର ଅନୁବାକ, ମନ୍ତ୍ର, ଶବ୍ଦ ଓ ଅକ୍ଷର ସଂଖ୍ୟା ତଳେ ଟେବୁଲରେ ଦିଆଗଲା ।

| ଅଧ୍ୟାୟ | ଅନୁବାକ | ମନ୍ତ୍ର | ଶବ୍ଦ | ଅକ୍ଷର | ଅଧ୍ୟାୟ | ଅନୁବାକ | ମନ୍ତ୍ର | ଶବ୍ଦ | ଅକ୍ଷର |
|---|---|---|---|---|---|---|---|---|---|
| 1 | 10 | 50 | 796 | 5012 | 21 | 7 | 106 | 1718 | 10520 |
| 2 | 7 | 60 | 965 | 5944 | 22 | 8 | 75 | 1077 | 6638 |
| 3 | 9 | 67 | 1006 | 5692 | 23 | 6 | 60 | 1307 | 8720 |
| 4 | 10 | 49 | 754 | 4548 | 24 | 21 | 47 | 892 | 5698 |
| 5 | 10 | 55 | 936 | 5901 | 25 | 10 | 67 | 1050 | 6100 |
| 6 | 8 | 50 | 811 | 4821 | 26 | 8 | 44 | 625 | 4823 |
| 7 | 22 | 40 | 824 | 5463 | 27 | 15 | 45 | 801 | 5550 |
| 8 | 22 | 32 | 686 | 4292 | 28 | 12 | 14 | 290 | 1696 |
| 9 | 7 | 46 | 782 | 4733 | 29 | 6 | 50 | 757 | 4373 |
| 10 | 6 | 43 | 722 | 4676 | 30 | 4 | 46 | 793 | 5977 |
| 11 | 10 | 47 | 936 | 6321 | 31 | 7 | 51 | 885 | 5516 |
| 12 | 7 | 85 | 1323 | 8701 | 32 | 6 | 84 | 1276 | 7473 |
| 13 | 7 | 116 | 1670 | 10244 | 33 | 2 | 46 | 732 | 4364 |
| 14 | 7 | 65 | 1105 | 6875 | 34 | 4 | 22 | 424 | 3340 |
| 15 | 9 | 35 | 800 | 5969 | 35 | 4 | 55 | 799 | 4777 |
| 16 | 7 | 85 | 1367 | 8704 | 36 | 1 | 24 | 361 | 1781 |
| 17 | 8 | 64 | 1264 | 6559 | 37 | 3 | 20 | 486 | 2612 |
| 18 | 7 | 86 | 1346 | 8145 | 38 | 7 | 27 | 495 | 3043 |
| 19 | 9 | 43 | 1264 | 6018 | 39 | 9 | 12 | 260 | 1714 |
| 20 | 5 | 46 | 787 | 4409 | 40 | 1 | 18 | 244 | 1531 |
| | | | | | | | | | |
| **ସମୁଦାୟ** | | | | | **Total** | **328** | **2086** | **35416** | **219273** |

Not For Commercial Use

ଯଦକ୍ଷରପଦଭ୍ରଷ୍ଟଂ ମାତ୍ରାହିନଂ ତୁ ଯଦ୍-ଭବେତ୍ ।
ତତ୍-ସର୍ବ କ୍ଷମତାଂ ଦେବ ନରାୟଣ ନମୋଽସ୍ତୁତେ ।।
ବିସର୍ଗବିନ୍ଦୁମାତ୍ରାଣି ପଦପାଦାକ୍ଷରାଣି ଚ ।
ନ୍ୟୁନାନି ଚାତିରିକ୍ତାନି କ୍ଷମସ୍ୱ ପୁରୁଷୋତ୍ତମ ।।

ଓମ୍ ତତ୍ ସତ୍ । ସର୍ବମ୍ ଶ୍ରୀ କୃଷ୍ଣାର୍ପଣାମସ୍ତୁ ।
ଓମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

| | |
|---|---|
| Sources<br>ସୂତ୍ର | • www.archive.org<br>• www.vedicheritage.gov.in<br>• www.academia.edu<br>• IISH Global (Indian Institute of Scientific Heritage)<br>• www.sanskritweb.net/rigveda/<br>• Vedanta Spiritual Library – www.celextel.org<br>• www.wikipedia.org |
| Send Corrections to<br>ଭୁଲ ସୁଧାର ପାଇଁ ଯୋଗାଯୋଗ | prakash@scholarshoppe.com |
| Site access<br>ୱେବ ସାଇଟ୍ | www.scholarshoppe.com/veda-odia/ |

**ଏହି 'ଦସ୍ତାବେଜ ବା ପୁସ୍ତକ' ଟି ବୈଦିକ ସାହିତ୍ୟର ପ୍ରଥମ ଓଡିଆ ଡିଜିଟାଲ୍ ରୂପାନ୍ତର ଅଟେ ।**

Not For Commercial Use

# ଯଜୁର୍ବେଦ (ସଂକ୍ଷିପ୍ତ ପରିଚୟ)

ମନ୍ତ୍ରସମୂହର ଶୈଳୀର ଦୃଷ୍ଟିକୋଣରୁ ମନ୍ତ୍ରଗୁଡିକୁ ୩ଟି ଭାଗରେ ବିଭକ୍ତ କରାଯାଇଛି । ଯଥା, ଋକ୍, ଯଜୁଃ ଓ ସାମ । ଛନ୍ଦରେ ନିବଦ୍ଧ ମନ୍ତ୍ରଗୁଡିକୁ "ଋକ୍ ବେଦ", **ଗଦ୍ୟାତ୍ମକ** ମନ୍ତ୍ରଗୁଡିକୁ "ଯଜୁର୍ବେଦ", ଓ ଗାନମୟ (ଗୀତମୟ) ମନ୍ତ୍ରଗୁଡିକୁ "ସାମବେଦ" ନାମ ଦିଆଗଲା ।

"ଯଜୁଃ" ଶବ୍ଦର ଅର୍ଥ 'ଗଦ୍ୟ' ଓ "ଯଜୁସ୍"ର ଅର୍ଥ ପୂଜା କରିବା, ଅନ୍ୟ ଏକ ବାଖ୍ୟା ଅନୁସାରେ - "ଯଜୁର୍ ଯାଜତେଃ", ଅର୍ଥାତ ଏହା ଯଜ୍ଞ ସମ୍ବନ୍ଧିତ କର୍ମ ଅଟେ, କାରଣ ଏ ସମସ୍ତ ଶବ୍ଦର ମୂଳ 'ଯଜ୍' ଅଟେ । ଆଚାର୍ଯ୍ୟ ଯାସ୍କ ନିରୁକ୍ତରେ, "ଯଜୁଃ" ଶବ୍ଦ 'ଯଜ୍' ଧାତୁରୁ ଉତ୍ପନ୍ନ ହୋଇଛି ବୋଲି କହିଛନ୍ତି, ସେହି ହିସାବରେ 'ଯଜୁର୍ବେଦ'ରୁ **ଯଜ୍ଞ**ର ସ୍ୱରୂପ ନିର୍ଦ୍ଧାରଣ ହୋଇଥାଏ । 'ଋକ୍-ବେଦ' ଅନୁସାରେ, "ଯଜ୍ଞସ୍ୟ ମାତ୍ରାଂ ବି ମିମୀତ ଉ ତ୍ୱଃ" (ଋ.ବେ - ୧୦.୭୧.୧୧), ଅତଃ, ଯାଜ୍ଞିକ ଦୃଷ୍ଟିରୁ 'ଯଜୁର୍ବେଦ'ର ଉପର ନାମ "**ଅଧ୍ୱର୍ଯ୍ୟୁବେଦ**" ମଧ୍ୟ ଅଟେ । 'ଋକ୍ ବେଦ' "ଜ୍ଞାନକାଣ୍ଡ" ରୂପେ ପରିଚିତ । 'ଋକ୍ ବେଦ' ଜ୍ଞାନର ବାସ୍ତବ ପ୍ରୟୋଗ ଓ ବିସ୍ତାର 'ଯଜୁର୍ବେଦ' ଦ୍ୱାରା ହୋଇଥାଏ, ସେଥିପାଇଁ ଏହାକୁ "**କର୍ମକାଣ୍ଡ**" କୁହାଯାଏ ।

## 'ଯଜୁର୍ବେଦ' ପ୍ରବନ୍ଧନ

ସମ୍ପ୍ରଦାୟର ଆଧାରକୁ ମୂଳ କରି 'ଯଜୁର୍ବେଦ'କୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା, "**ଶୁକ୍ଳ ଯଜୁର୍ବେଦ**" ଓ "**କୃଷ୍ଣ ଯଜୁର୍ବେଦ**" । **'ଆଦିତ୍ୟ-ପରମ୍ପରା'** ଦ୍ୱାରା ପ୍ରାପ୍ତ ମନ୍ତ୍ରଗୁଡିକୁ "ଶୁକ୍ଳ ଯଜୁର୍ବେଦ" ଓ **'ବ୍ରହ୍ମ-ପରମ୍ପରା'** ଦ୍ୱାରା ପ୍ରାପ୍ତ ମନ୍ତ୍ରଗୁଡିକୁ "କୃଷ୍ଣ ଯଜୁର୍ବେଦ" କୁହାଯାଏ । ଅନେକ ବିଦେଶୀ ଏହାର ନାମକୁ ଭୁଲ ଅନୁବାଦ କରିଛନ୍ତି 'ବ୍ଲାକ୍ (black) ଓ ହ୍ୱାଇଟ୍ (white) ଯଜୁର୍ବେଦ', ଯେଉଁଟାକି ସଂପୂର୍ଣ୍ଣ ଭୁଲ । ଏହା କେବଳ ୨ଟି ସୂତ୍ର ବା ପଦ୍ଧତି ବା ସମ୍ପ୍ରଦାୟ । ମହର୍ଷି **ଯଜ୍ଞବଲ୍କ୍ୟ**, ଯାହା ସୁର୍ଯ୍ୟଦେବଙ୍କ ଠାରୁ ଶିକ୍ଷା କରିଥିଲେ ତାହା "ଆଦିତ୍ୟ ପରମ୍ପରା", ଅର୍ଥାତ ଆଦିତ୍ୟଙ୍କ ଦ୍ୱାରା ପ୍ରାପ୍ତ; ଓ ଯାହା ବେଦରୁ ବା **ବ୍ରହ୍ମ** ଦ୍ୱାରା ପ୍ରକଟିତ ହୋଇଥିଲା, ତାହା "ବ୍ରହ୍ମ ପରମ୍ପରା" । ତେଣୁ 'ଆଦିତ୍ୟ ପରମ୍ପରା' ଦ୍ୱାରା ପ୍ରାପ୍ତ, "**ଶୁକ୍ଳ ଯଜୁର୍ବେଦ**" ନାମରେ ଓ 'ବ୍ରହ୍ମ ପରମ୍ପରା' ଦ୍ୱାରା ପ୍ରାପ୍ତ, "**କୃଷ୍ଣ ଯଜୁର୍ବେଦ**" ନାମରେ ଜଣା ।

Not For Commercial Use

## ଯଜୁର୍ବେଦ ସଂହିତା ଶାଖା

ମହାଭାଷ୍ୟକାର ପତଞ୍ଜଳିଙ୍କ ଅନୁସାରେ 'ଯଜୁର୍ବେଦ'ରେ ସମୁଦାୟ **୧୦୧**ଟି ଶାଖା ଥିଲା, ସେମାନଙ୍କ ମଧ୍ୟରୁ ୧୫ଟି 'ଶୁକ୍ଲ ଯଜୁର୍ବେଦ'ର ଓ ୮୬ଟି 'କୃଷ୍ଣ ଯଜୁର୍ବେଦ'ର । କିନ୍ତୁ ସେମାନଙ୍କ ମଧ୍ୟରୁ, 'ଶୁକ୍ଲ ଯଜୁର୍ବେଦ'ର ମାତ୍ର **୨**ଟି ଶାଖା ଓ 'କୃଷ୍ଣ ଯଜୁର୍ବେଦ'ର **୪**ଟି ଶାଖା ଉଦ୍ଧାର ହୋଇପାରିଛି ।

## ଶୁକ୍ଲ ଯଜୁର୍ବେଦ

ମହର୍ଷି **'ଯଜ୍ଞବଲ୍କ୍ୟ ବାଜସେନ୍ୟ'**ଙ୍କ ଦ୍ୱାରା ସୂର୍ଯ୍ୟଦେବଙ୍କ ଠାରୁ ଗ୍ରହୀତ ବେଦ ଶିକ୍ଷା "ଶୁକ୍ଲ ଯଜୁର୍ବେଦ" ନାମରେ ଜଣା । ତାଙ୍କ ଶିଷ୍ୟମାନେ ଏହି ଗୁରୁକୁଳର ହୋଇଥିବାରୁ, ସେମାନେ 'ବଜସନେୟୀ' ନାମରେ ଜଣାହେଲେ । ଯେହେତୁ ସେ, ସୂର୍ଯ୍ୟଦେବଙ୍କ ଆରାଧନା କରି ଏହି ଯଜୁର୍ବେଦ ପ୍ରାପ୍ତ କରିଥିଲେ ଓ ତାହାର ଅନୁସରଣକାରୀ ସମ୍ପ୍ରଦାୟକୁ **"ଆଦିତ୍ୟ ସମ୍ପ୍ରଦାୟ"** କୁହାଯାଉଥିଲା । ସେ, ସେହି ଯଜୁର୍ବେଦକୁ ତାଙ୍କର ୧୫ଜଣ ଶିଷ୍ୟଙ୍କୁ ଶିକ୍ଷା ଦେଇଥିଲେ, ପର ସମୟରେ ସେହି ୧୫ଜଣ ଶିଷ୍ୟଙ୍କ ନାମ ଅନୁସାରେ **୧୫ଟି ଶାଖା** ରୂପେ ପ୍ରସିଦ୍ଧ ହେଲା । ସେହି ୧୫ଜଣ ଶିଷ୍ୟ ମାନଙ୍କ ନାମ 'ଆଚାର୍ଯ୍ୟ ଶାୟଣ'ଙ୍କ 'କାଣ୍ୱଭାଷ୍ୟ'ରେ ଉପଲବ୍ଧ ଅଛି । ସେମାନେ ହେଲେ, କାଣ୍ୱ, ମାଧ୍ୟନ୍ଦିନ, ଗାଲବ, ଔଧେୟ, ଶାପେୟି, ତାପାୟନିୟ, କାପାଲ, ପୌଣ୍ଡ୍ରବତ୍ସ, ଆବଟିକ, ପରମାବଟିକ, ପାରାଶର, ବୈନେୟ, ବୈଧେୟ, କାତ୍ୟାୟନ ଓ ବୈଜବା । କିନ୍ତୁ ସେମାନଙ୍କ ମଧ୍ୟରୁ ମାତ୍ର ୨ଟି ଶାଖା, ଯଥା, **ମାଧ୍ୟନ୍ଦିନ** ଶାଖା ଓ **କାଣ୍ୱ** ଶାଖା, ଉଦ୍ଧାର ହୋଇପାରିଛି । "ବାଜସେନେୟୀ ମାଧ୍ୟନ୍ଦିନୀ ସଂହିତା" ଆଚାର୍ଯ୍ୟ '**ମାଧ୍ୟନ୍ଦିନ**'ଙ୍କ ଦ୍ୱାରା ଓ "ବାଜସେନେୟୀ କାଣ୍ୱ ସଂହିତା" ଆଚାର୍ଯ୍ୟ '**କାଣ୍ୱ**'ଙ୍କ ଦ୍ୱାରା ରଚନା କରାଯାଇଥିଲା ।

'ଶୁକ୍ଲ ଯଜୁର୍ବେଦ'ର ଶାଖା ସଂହିତା, ତାହାର ଅଧ୍ୟାୟ, ଅନୁବାକ, ମନ୍ତ୍ର ସଂଖ୍ୟା ଓ କେଉଁ ଅଂଚଳ ମାନଙ୍କରେ ଏହାର ପ୍ରୟୋଗ ହୋଇଆସୁଅଛି, ତାହାର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

Not For Commercial Use

| ସଂହିତା ନାମ | ଅଧ୍ୟାୟ | ଅନୁବାକ | କଣ୍ଡିକା/ମନ୍ତ୍ର | ଅଂଚଳ |
|---|---|---|---|---|
| ମାଧ୍ୟନ୍ଦିନୀ | ୪୦ | ୩୦୩ | ୧୯୭୫ | ବିହାର, ମଧ୍ୟପ୍ରଦେଶ, ଗୁଜୁରାଟ, ଉତ୍ତର ଭାରତ |
| କାଣ୍ୱ | ୪୦ | ୩୨୮ | ୨୦୬୮ | ମହାରାଷ୍ଟ୍ର, ଓଡ଼ିଶା, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, କେରଳ, କର୍ଣ୍ଣାଟକ, ତାମିଲନାଡୁ |

## 'ଶୁକ୍ଳ ଯଜୁର୍ବେଦ' ବିଷୟବସ୍ତୁ

'ମାଧ୍ୟନ୍ଦିନ ସଂହିତା' ଓ 'କାଣ୍ୱ ସଂହିତା'ର ବିଷୟବସ୍ତୁ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ପାର୍ଥକ୍ୟ କହିଲେ କେବଳ ମନ୍ତ୍ର ମାନଙ୍କର ସଂଖ୍ୟା ଓ ଅଧ୍ୟାୟ ମାନଙ୍କ କ୍ରମର ପ୍ରବନ୍ଧନ । ୪୦ଟି ଅଧ୍ୟାୟ ମାନଙ୍କ ମଧ୍ୟରୁ ୩୧ଟି ଅଧ୍ୟାୟ ମୁଖ୍ୟତଃ '**ଶ୍ରୌତକର୍ମକାଣ୍ଡ**' ବିଷୟ ଅଟେ । ଅଧ୍ୟାୟ ମାନଙ୍କର ବିଷୟବସ୍ତୁ ତଳ ଟେବୁଲରେ ଦିଆଗଲା ।

| ଅଧ୍ୟାୟ | ବିଷୟବସ୍ତୁ |
|---|---|
| ୧-୨ | ଦଶ ପୂର୍ଣ୍ଣମାସ ଓ ପିଣ୍ଡପିତୃ ଯଜ୍ଞ |
| ୩ | ଅଗ୍ନିହୋତ୍ର ଓ ଚାତୁର୍ମାସ୍ୟ |
| ୪-୮ | ସୋମ ସଂସ୍କାର ବର୍ଣ୍ଣନ ଓ ସୋମଯଜ୍ଞ |
| ୯-୧୦ | ବାଜପେୟ ଯଜ୍ଞ ଓ ରାଜସୂୟ ଯଜ୍ଞ |
| ୧୧-୧୮ | ଅଗ୍ନି ଚୟନ ବର୍ଣ୍ଣନ, ଶତରୁଦ୍ରିୟ ମନ୍ତ୍ର, ବସୋଧାରା ମନ୍ତ୍ର |
| ୧୯-୨୧ | ଶୌତ୍ରାମଣି ଯଜ୍ଞ |
| ୨୨-୨୫ | ଅଶ୍ୱମେଧ ଯଜ୍ଞ |
| ୨୬-୨୯ | ଖିଲମନ୍ତ୍ର ସଂଗ୍ରହ |
| ୩୦ | ପୁରୁଷମେଧ ଯଜ୍ଞ |
| ୩୧ | ପୁରୁଷସୂକ୍ତ |
| ୩୨-୩୩ | ସର୍ବମେଧ ମନ୍ତ୍ର ଓ ହିରଣ୍ୟଗର୍ଭ ସୂକ୍ତ |
| ୩୪ | ଶିବସଂକଳ୍ପୋପନିଷଦ |
| ୩୫ | ପିତୃମେଧ ଯଜ୍ଞ |
| ୩୬-୩୯ | ଘର୍ମ, ପ୍ରବର୍ଗ୍ୟ, ସଂଭରଣ, ପ୍ରୋଶନ ଓ ପ୍ରାୟଶ୍ଚିତ ଇତ୍ୟାଦି ମନ୍ତ୍ର |
| ୪୦ | ଈଶୌପନିଷଦ |

Not For Commercial Use

# ଶୁକ୍ଳ ଯଜୁର୍ବେଦ ବ୍ରାହ୍ମଣ

'ଶୁକ୍ଳ ଯଜୁର୍ବେଦ'ରେ ଗୋଟିଏ ବ୍ରାହ୍ମଣ ଗ୍ରନ୍ଥ ଉଭୟ ମାଧ୍ୟନ୍ଦିନୀ ଓ କାଣ୍ୱ ଶାଖା ପାଇଁ ଉପଲବ୍ଧ ଅଛି, ଯାହା "**ଶତପଥ ବ୍ରାହ୍ମଣ**" ନାମରେ ପରିଚିତ । ଏଥିରେ ୧୦୦ଟି ଅଧ୍ୟାୟ ରହିଥିବାରୁ, ଏହା ଶତ-ପଥ ନାମରେ ଜଣା । ସମସ୍ତ ବ୍ରାହ୍ମଣ ଗ୍ରନ୍ଥ ମାନଙ୍କ ମଧ୍ୟରେ ସର୍ବାଧିକ ମହତ୍ୱପୂର୍ଣ୍ଣ, ବିପୁଳକାୟ, ଓ ଯଜ୍ଞାନୁଷ୍ଠାନ ମାନଙ୍କର ସର୍ବୋତ୍ତମ ପ୍ରତିପାଦକ, ଶୁକ୍ଳ ଯଜୁର୍ବେଦୀୟ 'ଶତପଥ ବ୍ରାହ୍ମଣ' ଅଟେ । ଏହି ବ୍ରାହ୍ମଣ, ମାଧ୍ୟନ୍ଦିନ ଓ କାଣ୍ୱ ୨ଟି ଶାଖାରେ ଉପଲବ୍ଧ ଅଛି । ଯଦିଓ ଏହି ଦୁଇଟି ଶାଖାର ବିଷୟବସ୍ତୁ ଗୋଟିଏ ପ୍ରକାରର, କିନ୍ତୁ ତାଙ୍କର ବର୍ଣ୍ଣନକ୍ରମ ଓ ଅଧ୍ୟାୟରେ ଅନ୍ତର ରହିଅଛି । ଏହା ତଳ ଟେବୁଲରେ ଦର୍ଶାଯାଇଛି ।

| ଶାଖା | କାଣ୍ଡ | ଅଧ୍ୟାୟ | ବ୍ରାହ୍ମଣ ସୂତ୍ର | କଣ୍ଡିକା | ପ୍ରପାଠକ |
|---|---|---|---|---|---|
| ଶତପଥ ବ୍ରାହ୍ମଣ - ମାଧ୍ୟନ୍ଦିନୀ | ୧୪ | ୧୦୦ | ୪୩୮ | ୭୬୨୪ | ୬୮ |
| ଶତପଥ ବ୍ରାହ୍ମଣ - କାଣ୍ୱ | ୧୭ | ୧୦୪ | ୪୩୫ | ୬୮୦୬ | ୦ |

## ଶତପଥ ବ୍ରାହ୍ମଣ ବିଷୟବସ୍ତୁ

୧ମ ରୁ ୯ମ କାଣ୍ଡରେ ପିତୃପିଣ୍ଡ-ଯଜ୍ଞର ବିଷୟକୁ ଛାଡିଦେଲ, ଏହାର ବିଷୟକ୍ରମ, ସଂହିତାର ବିଷୟକ୍ରମ ଅନୁସାରେ ରହିଅଛି । ସଂହିତାରେ, ଏହା ଦଶପୂର୍ଣ୍ଣମାସ ସହିତ ରହିଅଛି, କିନ୍ତୁ ବ୍ରାହ୍ମଣରେ ଏହାର ବର୍ଣ୍ଣନ ଅଲଗା ରହିଅଛି । ଏହାକୁ ଛାଡିଦେଲେ, ବ୍ରାହ୍ମଣ ଓ ସଂହିତା ର ବିଷୟକ୍ରମ ସମାନ । ମାଧ୍ୟନ୍ଦିନୀ ଶତପଥ ବ୍ରାହ୍ମଣ ଓ କାଣ୍ୱ ଶତପଥ ବ୍ରାହ୍ମଣ ମଧ୍ୟରେ, 'ଦଶପୂର୍ଣ୍ଣମାସ ଯଜ୍ଞ'ର ବର୍ଣ୍ଣନ ଅଳ୍ପ ଭିନ୍ନ, ଏହା ମାଧ୍ୟନ୍ଦିନୀ ଶାଖାରେ ୧ମ କାଣ୍ଡରେ ଥିବାବେଳେ, କାଣ୍ୱ ଶାଖାରେ ୨ୟ କାଣ୍ଡରେ ରହିଅଛି । ସେହିପରି ୨ୟ କାଣ୍ଡର ବିଷୟ ୧ମ କାଣ୍ଡରେ ଓ ୧ମ କାଣ୍ଡର ବିଷୟ ୨ୟ କାଣ୍ଡରେ ରହିଅଛି । ଏହା କେବଳ ଏହି ଦୁଇଟି ବ୍ରାହ୍ମଣ ଶାଖା ଗ୍ରନ୍ଥ ମଧ୍ୟରେ ଅନ୍ତର ।

Not For Commercial Use

'ଶତପଥ ବ୍ରାହ୍ମଣ'ର ବିଶେଷତ୍ୱ, ଏଥିରେ ଯଜ୍ଞ ମାନଙ୍କର ବିଭିନ୍ନ ରୂପ, ତଥା ବିଭିନ୍ନ ଅନୁଷ୍ଠାନ ମାନଙ୍କର, ଯେଉଁ ପ୍ରକାରର ଅସାଧାରଣ ପରିପୂର୍ଣ୍ଣତା ସହିତ ନିରୂପଣ କରାଯାଇଛି, ତାହା ଅନ୍ୟ କୌଣସି ବ୍ରାହ୍ମଣ ଗ୍ରନ୍ଥରେ ମିଳେ ନାହିଁ । ଆଧ୍ୟାତ୍ମିକ ଦୃଷ୍ଟିରୁ, ଯଜ୍ଞ ମାନଙ୍କର ସ୍ୱରୂପ ନିରୂପଣ କରିବାର ଶ୍ରେୟ, 'ଶତପଥ ବ୍ରାହ୍ମଣ'କୁ ପ୍ରାପ୍ତ ହୋଇଛି । ଏହାର କାରଣ, 'ଶତପଥ ବ୍ରାହ୍ମଣ'ରେ ଯଜ୍ଞ ମିମାଂସାର ପ୍ରାରମ୍ଭ, '**ହର୍ବିଯଜ୍ଞ**'ରୁ ହୋଇଥାଏ, ଯାହାର ମୂଳ ଆଧାର '**ଅଗ୍ନିହୋତ୍ର**' ଅଟେ ।

## ଶୁକ୍ଳ ଯଜୁର୍ବେଦ ଆରଣ୍ୟକ

ଅଧିକାଂଶ 'ଆରଣ୍ୟକ', 'ବ୍ରାହ୍ମଣ ଗ୍ରନ୍ଥ'ର ଅନ୍ତିମ ଭାଗ ଅଟେ, ତେଣୁ ପ୍ରାୟତଃ 'ବ୍ରାହ୍ମଣ ଗ୍ରନ୍ଥ'ର ପ୍ରବଚନକର୍ତ୍ତା ହିଁ 'ଆରଣ୍ୟକ'ର ପ୍ରବଚନକର୍ତ୍ତା ଅଟନ୍ତି । ତେଣୁ ଶୁକ୍ଳ ଯଜୁର୍ବେଦୀୟ "**ବୃହଦାରଣ୍ୟକ**"ର ପ୍ରବଚନକର୍ତ୍ତା ମହର୍ଷି **ଯଜ୍ଞବଲ୍କ୍ୟ** ଅଟନ୍ତି । 'ଶୁକ୍ଳ ଯଜୁର୍ବେଦ'ର ଗୋଟିଏ ମାତ୍ର ଆରଣ୍ୟକ ଅଛି, ଯାହା "ବୃହଦାରଣ୍ୟକ" ନାମରେ ପରିଚିତ । ଶୁକ୍ଳ ଯଜୁର୍ବେଦୀୟ 'ଶତପଥ ବ୍ରାହ୍ମଣ'ର ମାଧ୍ୟନ୍ଦିନୀ ଶାଖାର ୧୪ତମ ଅଧ୍ୟାୟ ତଥା କାଣ୍ୱ ଶାଖାର ୧୭ତମ ଅଧ୍ୟାୟ, 'ଶୁକ୍ଳ ଯଜୁର୍ବେଦ'ର ଆରଣ୍ୟକ ଗ୍ରନ୍ଥ ଅଟେ । 'ଆରଣ୍ୟକ'ର ମୁଖ୍ୟ ବିଷୟ ଯଜ୍ଞ ନୁହେଁ, କିନ୍ତୁ ଯଜ୍ଞ ଭିତରେ ଥିବା ଆଧ୍ୟାତ୍ମିକ ତତ୍ୱର ମିମାଂସା ଅଟେ । ତେଣୁ ଶୁକ୍ଳ ଯଜୁର୍ବେଦୀୟ "ବୃହଦାରଣ୍ୟକ" ମଧ୍ୟ ଏହାର ପ୍ରତିପାଦନ କରିଥାଏ ।

## ଶୁକ୍ଳ ଯଜୁର୍ବେଦ ଉପନିଷଦ

'ଶୁକ୍ଳ ଯଜୁର୍ବେଦ'ରେ **୧୮**ଟି ଉପନିଷଦ ଅଛି, ସେମାନଙ୍କ ମଧ୍ୟରୁ "**ଇଶ ଉପନିଷଦ**" ଓ "**ବୃହଦାରଣ୍ୟକ ଉପନିଷଦ**" ପ୍ରମୁଖ ଅଟନ୍ତି । "ଇଶ ଉପନିଷଦ" କେବଳ ଗୋଟିଏ ମାତ୍ର ଉପନିଷଦ, ଯାହା 'ଯଜୁର୍ବେଦ'ରେ ରଚିତ ରହିଅଛି । ଉପନିଷଦ ଗୁଡିକରେ "ବ୍ରହ୍ମବିଦ୍ୟା" ଓ "ଆତ୍ମବିଦ୍ୟା" ବିଷୟରେ ଜ୍ଞାନ ପ୍ରାପ୍ତ ହୋଇଥାଏ ।

Not For Commercial Use

## ଶୁକ୍ଳ ଯଜୁର୍ବେଦ କଳ୍ପ ସୂତ୍ର, ଓ ଅନ୍ୟ ଗ୍ରନ୍ଥ

ଶୁକ୍ଳ ଯଜୁର୍ବେଦୀୟ "**କାତ୍ୟାୟନ ଶୌତ୍ରସୂତ୍ର**" ପ୍ରସିଦ୍ଧ ଓ ପ୍ରଚଳିତ, ଓ ଏହା ଏକ ମାତ୍ର ଶୁକ୍ଳ ଯଜୁର୍ବେଦୀୟ ଶୌତ୍ରସୂତ୍ର ଅଟେ । ଶୌତ୍ରସୂତ୍ର ଗୁଡିକର ମୁଖ୍ୟ ଉଦ୍ଦେଶ୍ୟ, ଶୌତ୍ରଯଜ୍ଞ ମାନଙ୍କର ସଂକ୍ଷିପ୍ତ, ସୁବ୍ୟବସ୍ଥିତ କ୍ରମବଦ୍ଧତାର ପ୍ରତିପାଦନ ଅଟେ । ଏହି ଉଦ୍ଦେଶ୍ୟକୁ ଧ୍ୟାନରେ ରଖି, ବ୍ରାହ୍ମଣ ଗ୍ରନ୍ଥ ମାନଙ୍କରେ ଉପଲବ୍ଧ ମୂଳ ସାମଗ୍ରୀକୁ କେଉଁଠି ବିସ୍ତାର କରି ଓ କେଉଁଠି ସଂକ୍ଷିପ୍ତ କରି ରଚନା କରାଯାଇଛି । କାତ୍ୟାୟନଙ୍କ ରଚିତ ଶୌତ୍ରସୂତ୍ର, ଉଭୟ ମାଧ୍ୟନ୍ଦିନ ଓ କାଣ୍ୱ ଶାଖାର ପ୍ରତିନିଧୀତ୍ୱ କରିଥାଏ । ଏହାର ବିଷୟବସ୍ତୁର କ୍ରମ, ମାଧ୍ୟନ୍ଦିନ ଓ କାଣ୍ୱ ଶାଖାର ବିଷୟବସ୍ତୁର କ୍ରମ ଭଳି ରହିଥାଏ । ଏହି "କାତ୍ୟାୟନ ଶୌତ୍ରସୂତ୍ର"ରେ ୨୬ଟି ଅଧ୍ୟାୟ ରହିଅଛି । ଏଥିରେ '**ଶ୍ରାଦ୍ଧ**' ବିଷୟର ବର୍ଣ୍ଣନ ମଧ୍ୟ ରହିଅଛି ।

ସେହିପରି "ଗୃହ୍ୟସୂତ୍ର" ଗ୍ରନ୍ଥ ମାନଙ୍କ ମଧ୍ୟରେ, 'ଶୁକ୍ଳ ଯଜୁର୍ବେଦ'ରେ ୨ଟି ଗ୍ରନ୍ଥ ରହିଅଛି, ଯଥା, "**କାତ୍ୟାୟନ ଗୃହ୍ୟସୂତ୍ର**" ଓ "**ପାରସ୍କାର ଗୃହ୍ୟସୂତ୍ର**" । ଏମାନଙ୍କ ମଧ୍ୟରୁ "ପାରସ୍କାର ଗୃହ୍ୟସୂତ୍ର" ପ୍ରସିଦ୍ଧ ଓ ପ୍ରଚଳିତ । 'ପାରସ୍କାର ଗୃହ୍ୟସୂତ୍ର' ୩ଟି କାଣ୍ଡରେ ବିଭକ୍ତ କରାଯାଇଛି, ୧ମ କାଣ୍ଡରେ, ଅବସଧ୍ୟାୟନ, ବିବାହ, ଓ ଗର୍ଭାଧାନ ଆଦି ବିଷୟ, ୨ୟ କାଣ୍ଡରେ, ଚୁଡାକରଣ, ଉପନୟନ, ସମାବର୍ତନ, ପଞ୍ଚମହାଯଜ୍ଞ, ଶ୍ରବଣାକର୍ମ, ସୀତାଯଜ୍ଞ ଇତ୍ୟାଦି ବିଷୟ, ଓ ୩ୟ କାଣ୍ଡରେ, ଅବକୀର୍ଣ୍ଣ ପ୍ରାୟଶ୍ଚିତ ଇତ୍ୟାଦି ବିଷୟ ରହିଅଛି ।

ସେହିପରି କାତ୍ୟାୟନଙ୍କ ରଚିତ ଶୁକ୍ଳ ଯଜୁର୍ବେଦୀୟ "ଶୁଲ୍ୱସୂତ୍ର" ଉପଲବ୍ଧ ଅଛି । ଏହି "**କାତ୍ୟାୟନ ଶୁଲ୍ୱସୂତ୍ର**"ରେ ୭ଟି କାଣ୍ଡ ରହିଅଛି । ଏହାର ବିଷୟବସ୍ତୁ, 'ଯଜ୍ଞଶାଳା'ର ମାପ, 'ଯଜ୍ଞମଣ୍ଡପ'ର ମାପ, 'ଯଜ୍ଞବେଦୀ'ର ମାପ, ଓ 'ଯଜ୍ଞକୁଣ୍ଡ'ର ମାପ ଇତ୍ୟାଦି ବିଷୟର ବର୍ଣ୍ଣନ ଓ ବ୍ୟାଖ୍ୟା ରହିଥାଏ ।

ସେହିପରି 'ଶୁକ୍ଳ ଯଜୁର୍ବେଦ'ର ବେଦ-ପଠନ ସମ୍ବନ୍ଧୀୟ ଗ୍ରନ୍ଥ ସମୁହ ଉପଲବ୍ଧ ଅଛି । ଶୁକ୍ଳ ଯଜୁର୍ବେଦର "**ବାଜସନେୟୀ ପ୍ରାତିଶାଖ୍ୟ**" ପ୍ରସିଦ୍ଧ ଅଟେ । ଏହାର ରଚନା ଆଚାର୍ଯ୍ୟ

Not For Commercial Use

କାତ୍ୟାୟନଙ୍କ ଦ୍ୱାରା କରାଯାଇଛି । ଏହା ୮ଟି ଅଧ୍ୟାୟ, ଓ ୭୩୪ଟି ସୂତ୍ର ରେ ବିଭକ୍ତ କରାଯାଇଛି । ଏହାର ମୁଖ୍ୟ ବିଷୟବସ୍ତୁ, ବର୍ଣ୍ଣ, ସ୍ୱର, ସନ୍ଧି, ପଦପାଠ ଓ କ୍ରମପାଠ ଇତ୍ୟାଦି ଅଟେ । ଏହାର ସୂତ୍ରମାନଙ୍କ ମଧ୍ୟରେ ୨ଟି ପରିଶିଷ୍ଟ ସୂତ୍ର ଅଛି । 'ଶୁକ୍ଲ ଯଜୁର୍ବେଦ'ର ସମ୍ବନ୍ଧୀୟ ସ୍ୱରାଦି ନିୟମର ବିବରଣ "**ପ୍ରତିଜ୍ଞାସୂତ୍ର**"ରେ ଦିଆଯାଇଛି ଓ "**ଭାଷିକସୂତ୍ର**"ରେ 'ଶତପଥ ବ୍ରାହ୍ମଣ'ର ସ୍ୱର ସଂଚାରଣର ବିଧାନ ଦିଆଯାଇଛି ।

ସେହିପରି 'ଶୁକ୍ଲ ଯଜୁର୍ବେଦ'ରେ ପ୍ରାୟ ୩୩ ରୁ ଊର୍ଦ୍ଧ 'ଶିକ୍ଷା ଗ୍ରନ୍ଥ' ରହିଅଛି । ସେମାନଙ୍କ ମଧ୍ୟରୁ "**ଯଜ୍ଞବଲ୍କ୍ୟ ଶିକ୍ଷା**" ପ୍ରସିଦ୍ଧ ଓ ପ୍ରଚଳିତ ।

'ଶୁକ୍ଲ ଯଜୁର୍ବେଦ'ର ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର, ପ୍ରାତିଶାଖ୍ୟ ଓ ଶିକ୍ଷା ଇତ୍ୟାଦି ଗ୍ରନ୍ଥ ମାନଙ୍କର ସମ୍ପୂର୍ଣ୍ଣ ତାଲିକା ତଳେ ଦିଆଯାଇଛି ।

## ଶୁକ୍ଲ ଯଜୁର୍ବେଦ ସଙ୍ଗଠନ

| ବେଦ | ସଂହିତା | ବ୍ରାହ୍ମଣ | ଆରଣ୍ୟକ | ଉପନିଷଦ |
|---|---|---|---|---|
| ଶୁକ୍ଲ ଯଜୁର୍ବେଦ | ମାଧ୍ୟନ୍ଦିନୀ, କାଣ୍ୱ | ଶତପଥ (ମାଧ୍ୟନ୍ଦିନୀ, କାଣ୍ୱ ) | ବୃହଦାରଣ୍ୟକ | ଈଶ, ବୃହଦାରଣ୍ୟକ, ସୁବାଲ, ମନ୍ତ୍ରିକ, ନିରାଲମ୍ବ, ପୈଙ୍ଗଲ, ଅଧ୍ୟାତ୍ମ, ମୁକ୍ତିକା, ଜାବାଲ, ଭିକ୍ଷୁକ, ତୁରୀୟାତୀତ ଅବଧୂତ, ଯାଜ୍ଞବଲ୍କ୍ୟ, ଶାଟ୍ୟାୟନୀୟ, ତାରସାର, ଅଦ୍-ବୟ ତାରକ, ହଂସ, ତ୍ରିଶିଖ-ବ୍ରାହ୍ମଣ, ମଣ୍ଡଲ-ବ୍ରାହ୍ମଣ |

Not For Commercial Use

## ଶୁକ୍ଳ ଯଜୁର୍ବେଦ କଳ୍ପସୂତ୍ର ସଙ୍ଗଠନ

| ବେଦ | ଶ୍ରୌତସୂତ୍ର | ଶୁଲ୍ବସୂତ୍ର | ଗୃହ୍ୟସୂତ୍ର | ଧର୍ମସୂତ୍ର |
|---|---|---|---|---|
| ଶୁକ୍ଳ ଯଜୁର୍ବେଦ | କାତ୍ୟାୟନ ଶ୍ରୌତସୂତ୍ର, | କାତ୍ୟାୟନ ଶୁଲ୍ବସୂତ୍ର, | ପାରସ୍କାର ଗୃହ୍ୟସୂତ୍ର,<br>କାତ୍ୟାୟନ ଗୃହ୍ୟସୂତ୍ର, | ବିଷ୍ଣୁ ଧର୍ମସୂତ୍ର, |

## ଶୁକ୍ଳ ଯଜୁର୍ବେଦ ଶିକ୍ଷା ଓ ପ୍ରାତିଶାଖ୍ୟ ସଙ୍ଗଠନ

| ବେଦ | ପ୍ରାତିଶାଖ୍ୟ | ଶିକ୍ଷା |
|---|---|---|
| ଶୁକ୍ଳ ଯଜୁର୍ବେଦ | ବାଜସନେୟୀ ପ୍ରାତିଶାଖ୍ୟ | ଯଜ୍ଞବଲ୍କ୍ୟ ଶିକ୍ଷା, ବାସିଷ୍ଠ୍ୟ ଶିକ୍ଷା, କାତ୍ୟାୟନୀ ଶିକ୍ଷା, ପାରାଶରୀ ଶିକ୍ଷା, ମାଣ୍ଡବ୍ୟ ଶିକ୍ଷା, ଅମୋଘାନନ୍ଦିନୀ ଶିକ୍ଷା, ଲଘୁ ଅମୋଘାନନ୍ଦିନୀ ଶିକ୍ଷା, ମାଧ୍ୟନ୍ଦିନୀ ଶିକ୍ଷା, ଲଘୁ ମାଧ୍ୟନ୍ଦିନୀ ଶିକ୍ଷା, ବର୍ଣ୍ଣରତ୍ନପ୍ରଦୀପିକା ଶିକ୍ଷା, କେଶବୀ ଶିକ୍ଷା, ହସ୍ତସ୍ୱରପ୍ରକ୍ରିୟା ଶିକ୍ଷା, ଅୟାବସାନନିର୍ଣ୍ଣୟ ଶିକ୍ଷା, ସ୍ୱରଭକ୍ତିଲକ୍ଷଣପରିଶିଷ୍ଟ ଶିକ୍ଷା, କ୍ରମସନ୍ଧାନ ଶିକ୍ଷା, ମନଃସ୍ୱାର ଶିକ୍ଷା, ଯଜୁର୍ବିଧାନ ଶିକ୍ଷା, ସ୍ୱରାଷ୍ଟକ ଶିକ୍ଷା, କ୍ରମକାରିକା ଶିକ୍ଷା, କୌଷିକ ଶିକ୍ଷା, ତ୍ରୈସ୍ୱରୀୟ ଶିକ୍ଷା, ପରିଭାଷାଙ୍କସୂତ୍ର ଶିକ୍ଷା, ନବାଙ୍କସୂତ୍ର ଶିକ୍ଷା, କାରିକାବଲୀ ଶିକ୍ଷା, ବର୍ଣ୍ଣ ଉଚ୍ଚାରଣ ପ୍ରକାର ଶିକ୍ଷା, ସ୍ୱରଭକ୍ତି ଶିକ୍ଷା, ସମ୍ପ୍ରଦାୟ ପ୍ରବୋଧିନୀ ଶିକ୍ଷା, ବେଦପରିଭାଷାସୂତ୍ର ଶିକ୍ଷା, ବେଦପରିଭାଷାକାରିକା ଶିକ୍ଷା, କ୍ରମସନ୍ଧାନ ଶିକ୍ଷା, ମଲଶ୍ରମକୃତ ଶିକ୍ଷା, ଗଲଦୃଗ ଶିକ୍ଷା, ପଦ୍ମକାରିକାରତ୍ନମାଳା ଶିକ୍ଷା |

## ।। ଇତି ଶୁକ୍ଳ ଯଜୁର୍ବେଦ ।।

Not For Commercial Use

# କୃଷ୍ଣ ଯଜୁର୍ବେଦ

ସମ୍ପ୍ରଦାୟ ଅନୁସାରେ 'ଯଜୁର୍ବେଦ'କୁ ୨ଟି ଭାଗରେ ବିଭକ୍ତ କରାଯାଇଛି । ଯାହା 'ବ୍ରହ୍ମ-ପରମ୍ପରା'ରେ ପ୍ରାପ୍ତ ହୋଇଛି , ତାହା "କୃଷ୍ଣ ଯଜୁର୍ବେଦ" ଅଟେ । ଯେଉଁ 'ଯଜୁର୍ବେଦ' "ଋଷି **ବୈଷମ୍ପାୟନ**" "ବେଦବ୍ୟାସ"ଙ୍କ ଠାରୁ ଶିକ୍ଷା କରିଥିଲେ, ତାହା "କୃଷ୍ଣ ଯଜୁର୍ବେଦ" ଓ ଏହାର ମନ୍ତ୍ର ଗୁଡିକ ମହାତ୍ମା ଋଷି ମାନଙ୍କ ଧ୍ୟାନ ଓ ତପ ସମୟରେ ତାଙ୍କୁ ପ୍ରକଟିତ ହୋଇଥିଲା । ତେଣୁ ଏହାକୁ 'ବ୍ରହ୍ମ ପରମ୍ପରା'ରେ ପ୍ରାପ୍ତ 'ଯଜୁର୍ବେଦ' କୁହାଯାଏ । 'ଶୁକ୍ଳ' ଓ 'କୃଷ୍ଣ' ଯଜୁର୍ବେଦ ମଧ୍ୟରେ ପାର୍ଥକ୍ୟ ହେଉଛି, 'ଶୁକ୍ଳ ଯଜୁର୍ବେଦ'ର ସ୍ୱତନ୍ତ୍ର ସଂହିତା, ବ୍ରାହ୍ମଣ ଓ ଆରଣ୍ୟକ ଗ୍ରନ୍ଥ ଥିଲାବେଳେ, 'କୃଷ୍ଣ ଯଜୁର୍ବେଦ'ରେ, ତା'ର ସଂହିତା ଭିତରେ ବ୍ରାହ୍ମଣ, ଓ ଆରଣ୍ୟକ ରହିଥାଏ|

ପତଞ୍ଜଳି ମହାଭାଷ୍ୟ ଓ ବାୟୁ ପୁରାଣ ଅନୁସାରେ "କୃଷ୍ଣ ଯଜୁର୍ବେଦ"ର **୮୬ଟି ଶାଖା** ଥିଲା । ଏହା କୁହାଯାଏ ଯେ, ଋଷି ବୈଷମ୍ପାୟନ ଏହି "କୃଷ୍ଣ ଯଜୁର୍ବେଦ" ତାଙ୍କର ୮୬ଜଣ ଶିଷ୍ୟଙ୍କୁ ଶିକ୍ଷା ଦେଇଥିଲେ ଓ ପର ସମୟରେ ଏହା ଶାଖା ରୂପରେ ପ୍ରସିଦ୍ଧ ହୋଇଥିଲା । ଏଥିପାଇଁ ବୈଷମ୍ପାୟନ ଅନେକ ସ୍ଥାନ ଭ୍ରମଣ କରିଥିଲେ, ସେଥିପାଇଁ ତାଙ୍କୁ "ଚରକ" କୁହାଯାଉଥିଲା ଓ ସେ "**ଚରକଧର୍ଯ୍ୟୁ**" ଉପାଧି ପାଇଥିଲେ । ତାଙ୍କ ୮୬ଜଣ ଶିଷ୍ୟ ମାନଙ୍କ ମଧ୍ୟରୁ **୪୩ ଜଣଙ୍କ ନାମ** ବିଭିନ୍ନ ସୂତ୍ରରୁ ପ୍ରାପ୍ତ ହୋଇପାରିଛି । ସେମାନେ ଏହି "କୃଷ୍ଣ ଯଜୁର୍ବେଦ"ର ଶାଖା ମାନଙ୍କର ପ୍ରତିଷ୍ଠାତା ଥିଲେ । ସେ ଶାଖା ଗୁଡିକ ହେଲେ, - ଚରକ ଶାଖା, ଆହ୍ୱରକ ଶାଖା, କଠ ଶାଖା, ପ୍ରାଚ୍ୟ କଠ ଶାଖା, କପିଷ୍ଠଳ କଠ ଶାଖା, ଚାରାଣୀୟ ଶାଖା, ବାରାୟଣୀୟ ଶାଖା, ବାର୍ତନ୍ତବୀକ ଶାଖା, ଶ୍ୱେତାଶ୍ୱତର ଶାଖା, ଉପମାନ୍ୟବ ଶାଖା, ପାତଣ୍ଡନୀୟ ଶାଖା, ମୈତ୍ରେୟଣୀ ଶାଖା, ମାନବ ଶାଖା, ବରହା ଶାଖା, ଦୁଣ୍ଡୁଭ ଶାଖା, ଛାଗଳେୟ ଶାଖା, ହାରିଦ୍ରବୀୟ ଶାଖା, ଶ୍ୟାମାୟନ ଶାଖା, ଶ୍ୟାମ ଶାଖା, ତୈତ୍ତିରୀୟ ଶାଖା, ଔଖେୟ ଶାଖା, ଖାଣ୍ଡିକେୟ ଶାଖା, ଆପସ୍ତମ୍ବ ଶାଖା, ଭରଦ୍ୱାଜ ଶାଖା, ହିରଣ୍ୟକେଶିନ ଶାଖା, ବୌଦ୍ଧାୟନ ଶାଖା, ସତ୍ୟାଶାଢ଼ ଶାଖା, ଆତ୍ରେୟ ଶାଖା, ଆଳମ୍ବି ଶାଖା, ପଳଙ୍ଗୀ ଶାଖା, କମଳା ଶାଖା, ଋଚାଭ ଶାଖା, ଆରୁଣୀ ଶାଖା, ତଣ୍ଡି ଶାଖା, କଲାପ ଶାଖା, ତୁମ୍ବୁରୁ ଶାଖା, ଉଳପା

Not For Commercial Use

ଶାଖା, ବୈଖାନସ ଶାଖା, ବାଧୂଳା ଶାଖା, ଆଗ୍ନିବେଶ୍ୟ ଶାଖା, କୌଣ୍ଡିନୟ ଶାଖା, ହାରୀତ ଶାଖା, ଓ ଐକେୟ ଶାଖା ।

ସେମାନଙ୍କ ମଧ୍ୟରୁ କେବଳ **୪ଟି ଶାଖା** ସଂହିତାର ସଂପୂର୍ଣ୍ଣ ବା ଆଂଶିକ **ଉଦ୍ଧାର** ହୋଇପାରିଛି । ସେମାନେ ହେଲେ, **ତୈତ୍ତିରୀୟ ଶାଖା, କଠ ବା କାଠକ ଶାଖା, କଠ-କପିଷ୍ଠଲ ଶାଖା,** ଓ **ମୈତ୍ରେୟଣୀ ଶାଖା** ।

'କୃଷ୍ଣ ଯଜୁର୍ବେଦ'ର ଶାଖା ସଂହିତା, ତାହାର କାଣ୍ଡ, ପ୍ରପାଠକ, ମନ୍ତ୍ର ସଂଖ୍ୟା ଓ କେଉଁ ଅଂଚଳ ମାନଙ୍କରେ ଏହାର ପ୍ରୟୋଗ ହୋଇଆସୁଅଛି, ତାହାର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ଶାଖା ସଂହିତା | କାଣ୍ଡ | ପ୍ରପାଠକ | ଅନୁବାକ | କାଣ୍ଡିକା/ମନ୍ତ୍ର | ଅଂଚଳ |
|---|---|---|---|---|---|
| ତୈତ୍ତିରୀୟ | ୭ | ୪୪ | ୬୫୧ | ୧୨୦୦୦+ | ଦକ୍ଷିଣ ଭାରତ, ମହାରାଷ୍ଟ୍ର |
| କାଠକ | ୫ | ୪୦ | ୮୪୩ | ୩୦୯୩ | କାଶ୍ମିର, ଉତ୍ତର ଓ ପୂର୍ବ ଭାରତ |
| କପିଷ୍ଠଲ | ୬ | ୪୮ | - | - | ହରିୟାଣା, ରାଜସ୍ଥାନ |
| ମୈତ୍ରୟଣୀ | ୪ | ୫୪ | ୬୫୪ | ୩୧୪୪ | ପଶ୍ଚିମ ଭାରତ |

## କୃଷ୍ଣ ଯଜୁର୍ବେଦ ବିଷୟବସ୍ତୁ

'କୃଷ୍ଣ ଯଜୁର୍ବେଦ'ର ବିଷୟବସ୍ତୁ, 'ଶୁକ୍ଳ ଯଜୁର୍ବେଦ'ର ବିଷୟବସ୍ତୁ ପରି ମଧ୍ୟ ସମାନ । ଏଥିରେ ଦଶ ପୂର୍ଣ୍ଣମାସ, ପିଣ୍ଡପିତୃ ଯଜ୍ଞ, ଅଗ୍ନିହୋତ୍ର, ଚାତୁର୍ମାସ୍ୟ, ସୋମ ସଂସ୍କାର ବର୍ଣ୍ଣନ, ସୋମଯଜ୍ଞ, ବାଜପେୟ ଯଜ୍ଞ ଓ ରାଜସୂୟ ଯଜ୍ଞ, ଅଗ୍ନି ଚୟନ ବର୍ଣ୍ଣନ, ଶୌତ୍ରାମଣି ଯଜ୍ଞ, ଅଶ୍ୱମେଧ ଯଜ୍ଞ, ଖିଲମନ୍ତ୍ର ସଂଗ୍ରହ, ପୁରୁଷମେଧ ଯଜ୍ଞ, ପୁରୁଷସୂକ୍ତ, ସର୍ବମେଧ ମନ୍ତ୍ର, ପିତୃମେଧ ଯଜ୍ଞ, ଗ୍ରହଗ୍ରହଣ ଓ ପ୍ରାୟଶ୍ଚିତ ଇତ୍ୟାଦି ବିଷୟର ବିବରଣୀ ଉଲ୍ଲେଖ ରହିଅଛି ।

ଏବେ ଆମେ ଏହାର ପ୍ରତ୍ୟେକ ଶାଖା ସଂହିତା ବିଷୟରେ ଅଳ୍ପ ବହୁତ ଜାଣିବା ।

Not For Commercial Use

## ତୈତ୍ତିରୀୟ ଶାଖା ସଂହିତା

'ତୈତ୍ତିରୀୟ ଶାଖା'ର ପ୍ରତିଷ୍ଠାତା ଋଷି "**ତିତ୍ତିରି**" ଓ ସେ, ଏହି ସଂହିତାର ପ୍ରବାଚକ ଥିଲେ । କୃଷ୍ଣ ଯଜୁର୍ବେଦୀୟ 'ତୈତ୍ତିରୀୟ ସଂହିତା' କେବଳ ଗୋଟିଏ ସଂହିତା, ଯାହାର ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, ଶୌତ୍ରସୂତ୍ର, ଓ ଗୃହ୍ୟସୂତ୍ର ଆଦି ଗ୍ରନ୍ଥ ଗୁଡିକ ଅକ୍ଷୁର୍ଣ୍ଣ ରହିଅଛି । ଏହା ସଂପୂର୍ଣ୍ଣ ଭାବରେ ଉଦ୍ଧାର ହୋଇପାରିଛି । ଏହା ସଂପୂର୍ଣ୍ଣ ଦକ୍ଷିଣ ଭାରତ ଓ ମହାରାଷ୍ଟ୍ରର କିଛି ସ୍ଥାନରେ ବ୍ୟବହୃତ ହୋଇଆସୁଅଛି । 'ତୈତ୍ତିରୀୟ ଶାଖା'ରେ **ସାରସ୍ୱତ** ଓ **ଆର୍ଷେୟ** ରୂପରେ ଦୁଇଟି ପାଠ-ଭେଦ ଅଛି । ସାରସ୍ୱତ ପରମ୍ପରା ଅନୁସାରେ ଏହାର ବ୍ରାହ୍ମଣ ଓ ଆରଣ୍ୟକ, ସଂହିତା ମଧ୍ୟରେ ରହିବା ଦରକାର, ଯାହା 'ତୈତ୍ତିରୀୟ ଶାଖା'ରେ ମିଳେ, ତଥା, ଆତ୍ରେୟ ପରମ୍ପରାରେ ଏହାର ସଂହିତା, ବ୍ରାହ୍ମଣ, ଓ ଆରଣ୍ୟକ ସ୍ୱତନ୍ତ୍ର ରହିବା ଦରକାର, ଯାହା 'ତୈତ୍ତିରୀୟ ଶାଖା'ରେ ମଧ୍ୟ ମିଳିଥାଏ । ଅନ୍ୟ କୃଷ୍ଣ ଯଜୁର୍ବେଦୀୟ ଶାଖା ମାନଙ୍କର, ସଂହିତା ମଧ୍ୟରେ ତାଙ୍କର ବ୍ରାହ୍ମଣ, ଓ ଆରଣ୍ୟକ ରହିଅଛି । ଏହାର ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ପ୍ରାତିଶାଖ୍ୟ ର ନାମ "**ତୈତ୍ତିରୀୟ**" ।

ଏହି 'ଶାଖା ସଂହିତା'ରେ ୭ଟି କାଣ୍ଡ, ୪୪ଟି ପ୍ରପାଠକ ଓ ୬୫୧ଟି ଅନୁବାକ ରହିଅଛି । ଏହାର ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ ର ମନ୍ତ୍ର ସଂଖ୍ୟା ୧୨୦୦୦ରୁ ଉର୍ଦ୍ଧ ରହିଅଛି । କାଣ୍ଡାନୁକ୍ରମାଣୀ ଅନୁସାରେ ଏହାକୁ ୫ଟି ଭାଗରେ ବିଭକ୍ତ କରାଯାଇଛି । ଏହାର କାଣ୍ଡ ଅନୁସାରେ ବିଷୟବସ୍ତୁ ଗୁଡିକ ତଳେ ଟେବୁଲରେ ଦିଆଯାଇଛି ।

| କାଣ୍ଡ | ବିଷୟ |
|---|---|
| ୧ | ପ୍ରାଜାପତ୍ୟ କାଣ୍ଡ |
| ୨ | ସୌମ୍ୟ କାଣ୍ଡ |
| ୩ | ଆଗ୍ନେୟ କାଣ୍ଡ |
| ୪ | ବିଶ୍ୱଦେବ କାଣ୍ଡ |
| ୫ | ସ୍ୱାୟଂଭୁବ କାଣ୍ଡ |

Not For Commercial Use

## କଠ ଶାଖା ସଂହିତା

'କଠ ଶାଖା'ର ପ୍ରତିଷ୍ଠାତା ଋଷି '**କଠ**' ଅଟନ୍ତି ଓ ସେ, ଏହି ଶାଖା ସଂହିତାର ପ୍ରବାଚକ ଅଟନ୍ତି । ପତଞ୍ଜଳିଙ୍କ ଅନୁସାରେ ଏହି ଶାଖା ଅତି ଲୋକପ୍ରିୟ ଥିଲା, ଏପରିକି ସେହି ସମୟରେ ପ୍ରତ୍ୟେକ ଗ୍ରାମରେ ଏହାର ପାଠ କରାଯାଉଥିଲା । 'କଠ ଶାଖା' ବହୁତ ବଡ଼ ଓ ବିସ୍ତାରରେ ବର୍ଣ୍ଣିତ, ଏହାର ୪୪ଟି ଉପଗ୍ରନ୍ଥ ଥିଲା ବୋଲି କୁହାଯାଏ । ସେଥିପାଇଁ 'କଠ ଶାଖା'ର ବେଦରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଅଛି । 'କଠ ଶାଖା' ସଂପୂର୍ଣ୍ଣ ଭାବରେ ଉଦ୍ଧାର ହୋଇ ପାରିନାହିଁ । ଏହାର ସଂହିତା ଉଦ୍ଧାର ହୋଇପାରିଛି, କିନ୍ତୁ ଏହାର ବ୍ରାହ୍ମଣ ସଂପୂର୍ଣ୍ଣ ଉଦ୍ଧାର ହୋଇ ପାରିନାହିଁ ଓ ଏହା ଖଣ୍ଡ ଖଣ୍ଡ ହୋଇ ପ୍ରକାଶିତ ହୋଇଛି । ଏହାର ଆରଣ୍ୟକ ନାହିଁ ।

'କଠ ସଂହିତା'ରେ ୫ଟି କାଣ୍ଡ, ୪୦ଟି ସ୍ଥାନକ ବା ପ୍ରପାଠକ, ୮୪୩ଟି ଅନୁବାକ, ଓ ୩୦୯୩ଟି ମନ୍ତ୍ର ରହିଅଛି । ଏହାର ମନ୍ତ୍ର ଓ ବ୍ରାହ୍ମଣକୁ ମିଶାଇଲେ, ଏହାର ସମୁଦାୟ ମନ୍ତ୍ର ସଂଖ୍ୟା ୧୯୦୦୦ରୁ ଅଧିକ ହେବ । ଏହାର ସଂହିତା ଓ ଉପନିଷଦର ନାମ "**କଠ**" ଓ ବ୍ରାହ୍ମଣର ନାମ "**କାଠକ**" ଅଟେ । ଏହାର "**କାଠକ ଗୃହ୍ୟସୂତ୍ର**" ଅଛି ଓ ପ୍ରାତିଶାଖ୍ୟ ପାଇଁ "**ତୈତ୍ତିରୀୟ ପ୍ରାତିଶାଖ୍ୟ**" ବ୍ୟବହାର କରାଯାଏ ।

ଏହାର କାଣ୍ଡ ଅନୁସାରେ ବିଷୟବସ୍ତୁ ତଳେ ଟେବୁଲରେ ଦିଆଯାଇଛି ।

| କାଣ୍ଡ | ବିଷୟ |
|---|---|
| ୧ | ଇଠିମିକା |
| ୨ | ମାଧ୍ୟମିକା |
| ୩ | ଓରିମିକା |
| ୪ | ଯାଜ୍ୟାନୁବାକ୍ୟା |
| ୫ | ଅଶ୍ୱମେଧ ଗ୍ରନ୍ଥ |

Not For Commercial Use

## କପିଷ୍ଠଳ ଶାଖା ସଂହିତା

'କପିଷ୍ଠଲ ଶାଖା'ର ପ୍ରତିଷ୍ଠାତା 'ଋଷି **କପିସ୍ଥଲ**' ଥିଲେ, ଓ ଏହି ସଂହିତାର ପ୍ରବାଚକ ଥିଲେ । ନିରୁକ୍ତ ପ୍ରବଚନକାରୀ 'ଦୁର୍ଗାଚାର୍ଯ୍ୟ' ଏହି ଶାଖାର ଅନ୍ତର୍ଗତ ଥିଲେ । ଏହି ଶାଖା ଆଂଶିକ ଭାବେ ଉଦ୍ଧାର ହୋଇପାରିଛି । ଏହାର ରଚନା ପ୍ରାୟ "କାଠକ ସଂହିତା" ଭଳି ହୋଇଥିଲେ ମଧ୍ୟ, ଏମାନଙ୍କ ମଧ୍ୟରେ ପାର୍ଥକ୍ୟ ରହିଅଛି । ଏହାର ସ୍ୱରାଙ୍କନ 'ଋକ୍ ବେଦ' ଭଳି, ତେଣୁ ଏହାର ବିଭାଜନ ମଧ୍ୟ 'ଋକ୍ ବେଦ' ପରି ଅଷ୍ଟକ ଓ ଅଧ୍ୟାୟ ପଦ୍ଧତିରେ ହୋଇଅଛି ।

ଏଥିରେ ୬ଟି ଅଷ୍ଟକ ଓ ୪୮ଟି ଅଧ୍ୟାୟ ରହିଅଛି । ଏହାର ବିଭାଜନ ତଳ ଟେବୁଲରେ ଦିଆଯାଇଛି ।

| ଅଷ୍ଟକ | ଅଧ୍ୟାୟ | ମନ୍ତବ୍ୟ |
|---|---|---|
| ୧ | ୧-୮ | ଉପଲବ୍ଧ |
| ୨ | ୯-୧୬ | ଉପଲବ୍ଧ ନାହିଁ |
| ୩ | ୧୭-୨୪ | ଉପଲବ୍ଧ ନାହିଁ |
| ୪ | ୨୫-୩୨ | ୩୨, ଉପଲବ୍ଧ ନାହିଁ |
| ୫ | ୩୩-୪୦ | ଉପଲବ୍ଧ |
| ୬ | ୪୧-୪୮ | ୪୩, ଉପଲବ୍ଧ ନାହିଁ |

ଏହାର ଉପଲବ୍ଧ ଅଧ୍ୟାୟ ଗୁଡିକ ମଧ୍ୟ ସଂପୂର୍ଣ୍ଣ ଭାବରେ ନାହିଁ । ଏହାର ଏକ "ଗୃହ୍ୟସୂତ୍ର"ର **ପାଣ୍ଡୁଲିପି** ବାରଣାସୀର ସରସ୍ୱତୀ ଭବନ ଗ୍ରନ୍ଥାଳୟରେ ଉପଲବ୍ଧ ଅଛି । ଏହି ଶାଖାର ବ୍ୟବହାର ହରିୟାଣା ଓ ରାଜସ୍ଥାନ ର କିଛି ସ୍ଥାନ ମାନଙ୍କରେ ହୋଇଆସୁଅଛି ।

Not For Commercial Use

## ମୈତ୍ରୟଣୀ ଶାଖା ସଂହିତା

'ମୈତ୍ରୟଣୀ ଶାଖା', 'ଋଷି **ମିତ୍ରଯୁ'**ଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା, ଓ ସେ, ଏହି ସଂହିତାର ପ୍ରବାଚକ ଥିଲେ । ଏହାର ଅନୁସରଣକାରୀ, ସୌରାଷ୍ଟ୍ର, ଗୁଜୁରାଟ, ନାସିକ, ନାଗପୁର ଆଦି ସ୍ଥାନ ମାନଙ୍କରେ ବ୍ୟବହୃତ ହୋଇଆସୁଅଛି । ଏହାର ରଚନା ଗଦ୍ୟାତ୍ମକ ଶୈଳୀରେ କରାଯାଇଛି । ଏଥିରେ ୪ଟି କାଣ୍ଡ, ୫୪ଟି ପ୍ରପାଠକ, ୬୫୪ଟି ଅନୁବାକ ଓ ୩୧୪୪ଟି ମନ୍ତ୍ର ରହିଅଛି ।

ଏହାର ରଚନାରେ, "ମୈତ୍ରୟଣୀ" ନାମକ **ବ୍ରାହ୍ମଣ**, ଓ "ମୈତ୍ରୟଣୀୟ" ନାମକ **ଆରଣ୍ୟକ** ରହିଅଛି, । ଏହାର, "ମୈତ୍ରୟଣୀୟ" ନାମକ **ଉପନିଷଦ** ଅଛି । ଏହାର ଅନେକ 'କଲ୍ପସୂତ୍ର" ରହିଅଛି, ସେମାନଙ୍କ ମଧ୍ୟରେ '**ମାନବ**', '**ବୌଦ୍ଧାୟନ**', ଓ '**ବରାହ**' ସୂତ୍ର ଗୁଡିକ ପ୍ରସିଦ୍ଧ । ଏହାର ପ୍ରାତିଶାଖ୍ୟ **'ତୈତ୍ତିରିୟ ପ୍ରାତିଶାଖ୍ୟ'** ଓ ଅନେକ ଶିକ୍ଷା ଗ୍ରନ୍ଥ ଗୁଡିକ ରହିଅଛି ।

ଏହି ଶାଖାର ବିଭାଜନ ଓ ବିଷୟବସ୍ତୁ ତଳ ଟେବୁଲରେ ଦିଆଯାଇଛି ।

| କାଣ୍ଡ | ପ୍ରପାଠକ | ଅନୁବାକ | ମନ୍ତ୍ର |
|---|---|---|---|
| ୧ | ୧୧ (ଆଦିମ) | ୧୬୫ | ୬୯୫ |
| ୨ | ୧୩ (ମଧ୍ୟମ) | ୧୫୧ | ୭୮୩ |
| ୩ | ୧୬ (ଉପରି) | ୧୮୦ | ୪୮୫ |
| ୪ | ୧୪ (ଖିଲ) | ୧୫୮ | ୧୧୮୧ |

ଅନ୍ୟ ଶାଖା ମାନଙ୍କ ପରି, ଏଥିରେ ଯାଜ୍ଞିକ ବର୍ଣ୍ଣନ, ବ୍ୟବସ୍ଥିତକ୍ରମରେ ରହିନାହିଁ । ଏଥିରେ ମୁଖ୍ୟ ବିଷୟ ଅତିରିକ୍ତ, '**ଗୋନାମିକ**' ପ୍ରକରଣରେ (ମୈ. ସଂ ୪/୨) ଗାୟକ ବିଭିନ୍ନ ମନ୍ତ୍ରର ଉଲ୍ଲେଖକରି, ତାଙ୍କର ମହିମା ବର୍ଣ୍ଣନ କରିଛନ୍ତି ।

Not For Commercial Use

## କୃଷ୍ଣ ଯଜୁର୍ବେଦୀୟ ବ୍ରାହ୍ମଣ

କୃଷ୍ଣ ଯଜୁର୍ବେଦୀୟ ଶାଖାରେ ଏପର୍ଯ୍ୟନ୍ତ ପୂର୍ଣ୍ଣରୂପରେ ଉପଲବ୍ଧ ଓ ଅଧିକ ମହତ୍ୱଶାଳୀ ଏକମାତ୍ର ବ୍ରାହ୍ମଣ, "**ତୈତ୍ତିରିୟ ବ୍ରାହ୍ମଣ**" ଅଟେ । ଏହା ଏକ ସ୍ୱତନ୍ତ୍ର ଗ୍ରନ୍ଥ ଭାବରେ ଉପଲବ୍ଧ ଅଛି । ଅନ୍ୟ ଶାଖା ମାନଙ୍କରେ ବ୍ରାହ୍ମଣ ଓ ଆରଣ୍ୟକ, ସଂହିତା ସହିତ ସଂଲଗ୍ନ ରହିଅଛି । "ଶତପଥ ବ୍ରାହ୍ମଣ" ପରି ଏହା ସସ୍ୱର ଅଟେ ।

'ତୈତ୍ତିରିୟ ବ୍ରାହ୍ମଣ' ୩ଟି କାଣ୍ଡରେ ବିଭକ୍ତ କରାଯାଇଛି, ଏହାକୁ ଅଷ୍ଟକ ମଧ୍ୟ କୁହନ୍ତି । ଏଥିରେ ସମୁଦାୟ ୩୫୩ଟି ଅନୁବାକ ଅଛି । ଏହାର ବିଭାଜନ ଓ ବିଷୟବସ୍ତୁ ତଳ ଟେବୁଲରେ ଦିଆଯାଇଛି ।

| କାଣ୍ଡ | ଅଧ୍ୟାୟ | ବିଷୟ |
|---|---|---|
| ୧ | ୮ | ଅଗ୍ନ୍ୟାଧାନ ଯଜ୍ଞ, ଗବାମୟନ ଯଜ୍ଞ, ବାଜପେୟ ଯଜ୍ଞ, ନକ୍ଷତ୍ରେଷ୍ଟି ଯଜ୍ଞ, ଓ ରାଜସୂୟ ଯଜ୍ଞ ଆଦିର ବର୍ଣ୍ଣନ |
| ୨ | ୮ | ଅଗ୍ନିହୋତ୍ର, ଉପହୋମ, ଶୌତ୍ରାମଣି, ଓ ବୃହସ୍ପତିସବ ପ୍ରଭୃତି ବିଭିନ୍ନ ସବର ନିରୂପଣ |
| ୩ | ୧୨ | ନକ୍ଷତ୍ରେଷ୍ଟି ଓ ପୁରୁଷମେଧ ସଂବନ୍ଧୀତ ବିବରଣ |

ଏହାର ମୁଖ୍ୟ ବିଷୟ ଅତିରିକ୍ତ, ଏଥିରେ ଭରଦ୍ୱାଜ, ନଚିକେତା, ପ୍ରହଲ୍ଲାଦ ଓ ଅଗସ୍ତ୍ୟ-ବିଷୟ ଇତ୍ୟାଦି ଆଖ୍ୟାନ  ଗୁଡିକ ରହିଅଛି । ସତ୍ୟଭାଷଣ, ବାଣୀର ମଧୁରତା, ତପୋମୟ ଜୀବନ, ଅତିଥି ସତ୍କାର, ସଂପତ୍ତିର ପରୋପକାର ହେତୁ ବିନିଯୋଗ, ବ୍ରହ୍ମଚର୍ଯ୍ୟ ପାଳନ, ଆଚାର ଦର୍ଶନ ଓ ସୃଷ୍ଟି ଇତ୍ୟାଦି ବିଷୟର ଉଲ୍ଲେଖ ରହିଅଛି ।

Not For Commercial Use

## କୃଷ୍ଣ ଯଜୁର୍ବେଦୀୟ ଆରଣ୍ୟକ ଓ ଉପନିଷଦ

'କୃଷ୍ଣ ଯଜୁର୍ବେଦ'ରେ ଦୁଇଟି ଆରଣ୍ୟକ ଅଛି, ସେଥିରୁ "**ତୈତ୍ତିରିୟ ଆରଣ୍ୟକ**" 'ତୈତ୍ତିରିୟ ଶାଖା'ର, ଓ ଏହା ସଂହିତା ମଧ୍ୟରେ ରହିବା ସହିତ, ଏହା ଏକ ସ୍ୱତନ୍ତ୍ର ଗ୍ରନ୍ଥ ମଧ୍ୟ ଅଟେ । "**ମୈତ୍ରାୟଣୀୟ ଆରଣ୍ୟକ**", 'ମୈତ୍ରୟଣୀ ଶାଖା'ର, କିନ୍ତୁ ଏହା ତାହାର ସଂହିତା ମଧ୍ୟରେ ରଚିତ ଅଛି । ଅନ୍ୟ ଦୁଇଟି ଶାଖାର ଆରଣ୍ୟକ ନାହିଁ ।

'କୃଷ୍ଣ ଯଜୁର୍ବେଦ'ରେ ୩୨ଟି ଉପନିଷଦ ଅଛି, ସେମାନଙ୍କ ମଧ୍ୟରୁ ୪ଟି ଉପନିଷଦ ମୁଖ୍ୟ ଉପନିଷଦରେ ଗଣା ଯାଆନ୍ତି । ସେମାନେ ହେଲେ '**କଠ**', '**ତୈତ୍ତିରିୟ**, '**ମୈତ୍ରାୟଣୀୟ** ଓ '**ଶ୍ୱେତାଶ୍ୱତର** ।

## କୃଷ୍ଣ ଯଜୁର୍ବେଦୀୟ କଳ୍ପସୂତ୍ର ଓ ଅନ୍ୟ ଗ୍ରନ୍ଥ

'କୃଷ୍ଣ ଯଜୁର୍ବେଦ'ରେ ଅନେକ କଳ୍ପସୂତ୍ର ଅଛି, ଯଥା, ୧୧ଟି ଗୃହ୍ୟସୂତ୍ର, ୯ଟି ଶୌତ୍ରସୂତ୍ର, ୩ଟି ଶୁଲ୍ବସୂତ୍ର ଓ ୨ଟି ବ୍ରହ୍ମସୂତ୍ର । ସେମାନଙ୍କ ମଧ୍ୟରୁ ବୌଦ୍ଧାୟନ, ମାନବ, ଭରଦ୍ୱାଜ, ଆପସ୍ତମ୍ବ, ବରାହ, ଶୌତ୍ରସୂତ୍ର ଓ ଗୃହ୍ୟସୂତ୍ର ପ୍ରମୁଖ ଅଟନ୍ତି, ସେହିପରି 'ଶୁକ୍ଳ ଯଜୁର୍ବେଦ'ର ବୌଦ୍ଧାୟନ, ମାନବ ଓ ଆପସ୍ତମ୍ବ 'ଶୁଲ୍ବସୂତ୍ର' ପ୍ରମୁଖ ଓ ପ୍ରସିଦ୍ଧ ।

'କୃଷ୍ଣ ଯଜୁର୍ବେଦ'ର ଏକ ମାତ୍ର '**ତୈତ୍ତିରିୟ ପ୍ରାତିଶାଖ୍ୟ** ଏହାର ୪ଟି ଶାଖାର ପ୍ରତିନିଧିତ୍ୱ କରିଥାଏ, ତଥା ଏହାର ୨୧ଟି ଶିକ୍ଷା ଗ୍ରନ୍ଥ ଅଛି ଓ ସେଥି ମଧ୍ୟରୁ '**ପାଣିନି ଶିକ୍ଷା**' ଓ '**ଭରଦ୍ୱାଜ ଶିକ୍ଷା**' ଏହାର ୪ଟି ଶାଖାର ପ୍ରତିନିଧିତ୍ୱ କରିଥାଏ । ଏ ସମସ୍ତ ଗ୍ରନ୍ଥ 'କୃଷ୍ଣ ଯଜୁର୍ବେଦ'ର ବର୍ଣ୍ଣ, ସ୍ୱର, ସନ୍ଧି, ପଦପାଠ, ଓ କ୍ରମପାଠ ର ବର୍ଣ୍ଣନ ରହିଅଛି ।

'କୃଷ୍ଣ ଯଜୁର୍ବେଦ'ର ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର, ପ୍ରାତିଶାଖ୍ୟ ଓ ଶିକ୍ଷା ଇତ୍ୟାଦି ଗ୍ରନ୍ଥ ମାନଙ୍କର ସମ୍ପୂର୍ଣ୍ଣ ତାଲିକା ତଳେ ଦିଆଯାଇଛି ।

Not For Commercial Use

# କୃଷ୍ଣ ଯଜୁର୍ବେଦ ସଙ୍ଗଠନ

| ବେଦ | ସଂହିତା | ବ୍ରାହ୍ମଣ | ଆରଣ୍ୟକ | ଉପନିଷଦ |
|---|---|---|---|---|
| କୃଷ୍ଣ ଯଜୁର୍ବେଦ | ତୈତ୍ତିରୀୟ, କାଠକ, କଠ-କପିଷ୍ଠଲ, ମୈତ୍ରୟଣୀ | ତୈତ୍ତିରୀୟ, ମୈତ୍ରୟଣୀ, କାଠକ, କଠ-କପିସ୍ଥଳା | ତୈତ୍ତିରୀୟ , ମୈତ୍ରାୟଣୀୟ | କଠ, ତୈତ୍ତିରୀୟ, ଶ୍ୱେତାଶ୍ୱତର, ମୈତ୍ରାୟଣୀୟ, ସର୍ବସାର, ଶୁକରହସ୍ୟ, ସ୍କନ୍ଦ, ଗର୍ଭ, ଶାରୀରକ, ଏକାକ୍ଷର, ଅକ୍ଷି, ବ୍ରହ୍ମ, ଅବଧୂତ, କଠଶ୍ରୁତି, ସରସ୍ୱତୀ ରହସ୍ୟ, ନାରାୟଣ, କଳି ସନ୍ତରଣ, କୈବଲ୍ୟ, କାଳାଗ୍ନି ରୁଦ୍ର, ଦକ୍ଷିଣାମୁର୍ତି, ରୁଦ୍ରହୃଦୟ, ପଞ୍ଚବ୍ରହ୍ମ, ଅମୃତବିନ୍ଦୁ, ତେଜୋବିନ୍ଦୁ, ଅମୃତନାଦ, କ୍ଷୁରିକା, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ୱ, ଯୋଗଶିଖା, ଯୋଗକୁଣ୍ଡଳିନୀ, ବରାହ |

Not For Commercial Use

## କୃଷ୍ଣ ଯଜୁର୍ବେଦ କଳ୍ପସୂତ୍ର ସଙ୍ଗଠନ

| ବେଦ | ଶ୍ରୌତସୂତ୍ର | ଶୁଲ୍ବସୂତ୍ର | ଗୃହ୍ୟସୂତ୍ର | ଧର୍ମସୂତ୍ର |
|---|---|---|---|---|
| କୃଷ୍ଣ ଯଜୁର୍ବେଦ | ବୌଦ୍ଧାୟନ ଶ୍ରୌତସୂତ୍ର,<br>ବାଧୂଳା ଶ୍ରୌତସୂତ୍ର,<br>ମାନବ ଶ୍ରୌତସୂତ୍ର,<br>ଭରଦ୍ୱାଜ ଶ୍ରୌତସୂତ୍ର,<br>ଆପସ୍ତମ୍ବ ଶ୍ରୌତସୂତ୍ର,<br>ହିରଣ୍ୟକେଶି ଶ୍ରୌତସୂତ୍ର,<br>ବରାହ ଶ୍ରୌତସୂତ୍ର,<br>ବୈଖାନସ ଶ୍ରୌତସୂତ୍ର, | ବୌଦ୍ଧାୟନ ଶୁଲ୍ବସୂତ୍ର,<br>ମାନବ ଶୁଲ୍ବସୂତ୍ର,<br>ଆପସ୍ତମ୍ବ ଶୁଲ୍ବସୂତ୍ର, | ବୌଦ୍ଧାୟନ ଗୃହ୍ୟସୂତ୍ର,<br>ବାଧୂଳା ଗୃହ୍ୟସୂତ୍ର,<br>ମାନବ ଗୃହ୍ୟସୂତ୍ର,<br>ଭରଦ୍ୱାଜ ଗୃହ୍ୟସୂତ୍ର,<br>ଆପସ୍ତମ୍ବ ଗୃହ୍ୟସୂତ୍ର,<br>ହିରଣ୍ୟକେଶି ଗୃହ୍ୟସୂତ୍ର,<br>ବରାହ ଗୃହ୍ୟସୂତ୍ର,<br>ବୈଖାନସ ଗୃହ୍ୟସୂତ୍ର,<br>ଆଗ୍ନିବେଶ୍ୟ ଗୃହ୍ୟସୂତ୍ର,<br>କାଠକ ଗୃହ୍ୟସୂତ୍ର,<br>କଠ-କପିଷ୍ଠଳା ଗୃହ୍ୟସୂତ୍ର, | ବୌଦ୍ଧାୟନ ଧର୍ମସୂତ୍ର,<br>ଆପସ୍ତମ୍ବ ଧର୍ମସୂତ୍ର, |

## କୃଷ୍ଣ ଯଜୁର୍ବେଦ ଶିକ୍ଷା ଓ ପ୍ରାତିଶାଖ୍ୟ ସଙ୍ଗଠନ

| ବେଦ | ପ୍ରାତିଶାଖ୍ୟ | ଶିକ୍ଷା |
|---|---|---|
| **କୃଷ୍ଣ ଯଜୁର୍ବେଦ** | ତୈତ୍ତିରୀୟ ପ୍ରାତିଶାଖ୍ୟ | ଚାରାୟଣ ଶିକ୍ଷା, ଭାରଦ୍ୱାଜ ଶିକ୍ଷା, ବ୍ୟାସ ଶିକ୍ଷା, ଶମ୍ଭୁ ଶିକ୍ଷା, ପାଣିନୀୟ ଶିକ୍ଷା (ଯଜୁସ୍), କୌହଲ୍ୟ ଶିକ୍ଷା, ବୋଧାୟନ ଶିକ୍ଷା, ବାସିଷ୍ଠ ଶିକ୍ଷା, ବାଲ୍ମିକୀ ଶିକ୍ଷା, ହାରିତ୍ ଶିକ୍ଷା, ଆତ୍ତରେୟ ଶିକ୍ଷା, କୌଣ୍ଡନୀୟ ଶିକ୍ଷା, ସର୍ବସମ୍ମତ ଶିକ୍ଷା, ଆରଣ୍ୟ ଶିକ୍ଷା, ସିଦ୍ଧାନ୍ତ ଶିକ୍ଷା, ଆପିଶଲି ଶିକ୍ଷା, କାଳନିର୍ଣ୍ଣୟ ଶିକ୍ଷା, ପାରି ଶିକ୍ଷା, ଲକ୍ଷ୍ମୀକାନ୍ତ ଶିକ୍ଷା, ନବ ଶିକ୍ଷା, ଶିକ୍ଷାସମୁଚ୍ଚୟ |

## || ଇତି କୃଷ୍ଣ ଯଜୁର୍ବେଦ ||

Not For Commercial Use

## ଯଜୁର୍ବେଦ ପାଣ୍ଡୁଲିପି ଓ ଅନୁବାଦ

"ଯଜୁର୍ବେଦ"ର ଅନେକ ପାଣ୍ଡୁଲିପି ଏବେବି ଅନୁବାଦ କରାଯାଇ ନାହିଁ । ଏହାର ଅନେକ ପାଣ୍ଡୁଲିପି, '**ପୁନେ**'ର ଭଣ୍ଡାରକର ଇନଷ୍ଟିଚ୍ୟୁଟ୍, **ରାଜସ୍ଥାନ**ର ଅଲବର ରାଜକୀୟ ଗ୍ରନ୍ଥାଳୟ , **ଓଡ଼ିଶା** ରାଜ୍ୟ ମ୍ୟୁଜିୟମ୍ ରେ ଓ **ବାରଣାସୀ**ର ସରସ୍ୱତୀ ଗ୍ରନ୍ଥାଳୟ ଇତ୍ୟାଦି ସ୍ଥାନ ମାନଙ୍କରେ ଉପଲବ୍ଧ ଅଛି ।

"ଯଜୁର୍ବେଦ"ର ଅନୁବାଦ ଅନେକ ଭାଷାରେ ମଧ୍ୟ ଉପଲବ୍ଧ ଅଛି । ବିଦେଶୀ ଭାଷା ମାନଙ୍କ ମଧ୍ୟରେ, ଇଂରାଜୀ, ଜର୍ମାନୀ, ଓ ରୁଷି ଭାଷାରେ, ତଥା ଭାରତୀୟ ଭାଷା ମାନଙ୍କ ମଧ୍ୟରେ ଗୁଜୁରାଟି, ତାମିଲ, ତେଲୁଗୁ, କନ୍ନଡ଼, ମାଲାୟଲମ ଓ ହିନ୍ଦି ଭାଷାରେ ଅନେକ ପଣ୍ଡିତ ମାନଙ୍କର ଭାଷ୍ୟ ଉପଲବ୍ଧ ଅଛି । ଭାରତୀୟ ଭାଷାରେ ଅନୁବାଦିତ ପୁସ୍ତକ ଗୁଡିକ ମଧ୍ୟରେ, ଦେବୀଚନ୍ଦ, ଦୟାନନ୍ଦ ସରସ୍ୱତୀ, ଆର୍ଯ୍ୟ ସମାଜ, ଓ ଜୟଦେବ ଶର୍ମା ଙ୍କ ପୁସ୍ତକ ପ୍ରମୁଖ ଅଟନ୍ତି ।

**।। ଇତି ଯଜୁର୍ବେଦ ।।**

Not For Commercial Use

# ପ୍ରଥମ ଅଧ୍ୟାୟ

Not For Commercial Use

## || ଅଥ ପ୍ରଥମୋ ଦଶକଃ ||

## || ଅଥ ପ୍ରଥମୋଽଧ୍ୟାୟଃ ||

ଓଁ ଇଷେ ତ୍ୱୋର୍ଜେ ତ୍ୱା ବାୟବ ସ୍ଥ |
ଦେବୋ ବଃ ସବିତା ପ୍ରାର୍ପୟତୁ ଶ୍ରେଷ୍ଠତମାୟ କର୍ମଣେ ||୧|| ୧

ଆପ୍ୟାୟଧ୍ୱମଘ୍ନ୍ୟା ଇନ୍ଦ୍ରାୟ ଭାଗଂ ପ୍ରଜାବତୀରନମୀବା ଅୟକ୍ଷ୍ମାଃ |
ମା ବ ସ୍ତେନ ଈଶତ ମାଘଶଂ ସଃ ||୨|| ୨

ଧ୍ରୁବା ଅସ୍ମିନ୍ ଗୋପତୌ ସ୍ୟାତ ବହ୍ୱୀଃ |
ୟଜମାନସ୍ୟ ପଶୂନ୍ ପାହି ବସୋଃ ପବିତ୍ରମସି ||୩||(୧) ୩

ଦ୍ୟୌରସି ପୃଥିବ୍ୟସି ମାତରିଶ୍ୱନୋ ଘର୍ମୋଽସି |
ବିଶ୍ୱଧାଃ ପରମେଣ ଧାମ୍ନା ||୧|| ୪

ଦୃଂହସ୍ୱ ମା ହ୍ୱାର୍ମା ତେ ୟଜ୍ଞପତିର୍ହ୍ୱାର୍ଷୀତ୍ |
ବସୋଃ ପବିତ୍ରମସି ଶତଧାରଂ ବସୋଃ ପବିତ୍ରମସି ସହସ୍ରଧାରମ୍ ||୨|| ୫

ଦେବସ୍ତ୍ୱା ସବିତା ପୁନାତୁ ବସୋଃ ପବିତ୍ରେଣ ଶତଧାରେଣ | ସୁପ୍ୱା କାମଧୁକ୍ଷଃ || ୩|| ୬

ସା ବିଶ୍ୱାୟୁଃ ସା ବିଶ୍ୱକର୍ମା ସା ବିଶ୍ୱଧାୟାଃ |
ଇନ୍ଦ୍ରସ୍ୟ ତ୍ୱା ଭାଗଂ ସୋମେନାତନଚ୍ମି ବିଷ୍ଣୋ ହବ୍ୟଂ ରକ୍ଷସ୍ୱ ||୪||(୨) ୭

ଅଗ୍ନେ ବ୍ରତପତେ ବ୍ରତଂ ଚରିଷ୍ୟାମି ତଚ୍ଛକେୟଂ ତନ୍ମେ ରାଧ୍ୟତାମ୍ |
ଇଦମହମନୃତାତ୍ ସତ୍ୟମୁପୈମି ||୧|| ୮

କସ୍ତ୍ୱା ଯୁନକ୍ତି ସ ତ୍ୱା ଯୁନକ୍ତି କସ୍ମୈ ତ୍ୱା ଯୁନକ୍ତି ତସ୍ମୈ ତ୍ୱା ଯୁନକ୍ତି |
କର୍ମଣେ ବାଂ ବେଷାୟ ବାମ୍ ||୨|| ୯

ପ୍ରତ୍ୟୁଷ୍ଟଂ ରକ୍ଷଃ ପ୍ରତ୍ୟୁଷ୍ଟା ଅରାତୟୋ ନିଷ୍ଟପ୍ତ ରକ୍ଷୋ ନିଷ୍ଟପ୍ତା ଅରାତୟଃ |
ଉର୍ବନ୍ତରିକ୍ଷମନ୍ୱେମି ||୩|| ୧୦

ଧୂରସି ଧୂର୍ବ ଧୂର୍ବନ୍ତଂ ଧୂର୍ବ ତଂ ଯୋସ୍ମାନ୍ ଧୂର୍ବତି |
ଧୂର୍ବ ତଂ ଯଂ ବୟଂ ଧୂର୍ବାମଃ ||୪|| ୧୧

ଦେବାନାମସି ସସ୍ନିତମଂ ବହ୍ନିତମଂ ପପ୍ରିତମଂ ଜୁଷ୍ଟତମଂ ଦେବହୂତମମ୍ |
ଅହ୍ରୁତମସି ହବିର୍ଧାନଂ ଦୃହସ୍ୱ ମା ହ୍ୱାର୍ମା ତେ ଯଜ୍ଞପତିର୍ହ୍ୱାର୍ଷୀତ୍ ||୫|| ୧୨

ବିଷ୍ଣୁସ୍ତ୍ୱା କ୍ରମତାମୁରୁ ବାତାୟାପହତ ରକ୍ଷୋ ଯଚ୍ଛନ୍ତାଂ ପଞ୍ଚ |
ଦେବସ୍ୟ ତ୍ୱା ସବିତୁଃ ପ୍ରସବେଶ୍ୱିନୋର୍ବାହୁଭ୍ୟାଂ ପୂଷ୍ଣୋ ହସ୍ତାଭ୍ୟାମ୍ ||୬|| ୧୩

ଅଗ୍ନୟେ ଜୁଷ୍ଟଂ ଗୃହ୍ଣାମ୍ୟଗ୍ନୀଷୋମାଭ୍ୟାଂ ଜୁଷ୍ଟଂ ଗୃହ୍ଣାମି |
ଭୂତାୟ ତ୍ୱା ନାରାତୟେ ସ୍ୱରଭିବିଖ୍ୟେଷମ୍ ||୭|| ୧୪ (୧୪)

ଦୃଂହନ୍ତାଂ ଦୁର୍ୟାଃ ପୃଥିବ୍ୟାମୁର୍ବନ୍ତରିକ୍ଷମନ୍ୱେମି |
ପୃଥିବ୍ୟାସ୍ତ୍ୱା ନାଭୌ ସାଦୟାମ୍ୟଦିତ୍ୟା ଉପସ୍ଥେ | ଅଗ୍ନେ ହବ୍ୟରକ୍ଷସ୍ୱ ||୮|| (୩) ୧୫

ପବିତ୍ରେ ସ୍ଥୋ ବୈଷ୍ଣବ୍ୟୌ ସବିତୁର୍ବଃ ପ୍ରସବ ଉତ୍-ପୁନାମି |
ଅଛିଦ୍ରେଣ ପବିତ୍ରେଣ ସୂର୍ୟସ୍ୟ ରଶ୍ମିଭିଃ ||୧|| ୧୬

ଦେବୀରାପୋ ଅଗ୍ରେଗୁବୋ ଅଗ୍ରେପୁବଃ |
ଅଗ୍ର ଇମମଦ୍ୟ ଯଜ୍ଞଂ ନୟତ ସୁଧାତୁଂ ଯଜ୍ଞପତିଂ ଦେବାୟୁବମ୍ ||୨|| ୧୭

Not For Commercial Use

ୟୁଷ୍ମା ଇନ୍ଦ୍ରୋଽବୃଣୀତ ବୃତ୍ରତୂର୍ୟ୍ୟେ ୟୂୟମିନ୍ଦ୍ରମବୃଣୀଧ୍ୱଂ ବୃତ୍ରତୂର୍ୟ୍ୟେ ପ୍ରୋକ୍ଷିତା ସ୍ଥ |
ଅଗ୍ନୟେ ତ୍ୱା ଜୁଷ୍ଟଂ ପ୍ରୋକ୍ଷାମ୍ୟଗ୍ନୀଷୋମାଭ୍ୟାଂ ତ୍ୱା ଜୁଷ୍ଟଂ ପ୍ରୋକ୍ଷାମି ||୩|| ୧୮

ଦୈବ୍ୟାୟ କର୍ମଣେ ଶୁନ୍ଧଧ୍ୱଂ ଦେବୟଜ୍ୟାୟୈ |
ୟଦ୍ୱୋଽଶୁଦ୍ଧଃ ପରାଜଘାନୈତଦ୍ୱସ୍ତଚ୍ଛୁନ୍ଧାମି ||୪|| (୪) ୧୯

ଶର୍ମାସ୍ୟବଧୂତଂ ରକ୍ଷୋଽବଧୂତା ଅରାତୟଃ | ଅଦିତ୍ୟାସ୍ତ୍ୱଗସି ପ୍ରତି ତ୍ୱାଦିତିର୍ବେତ୍ତୁ ||୧|| ୨୦

ଅଦ୍ରିରସି ବାନସ୍ପତ୍ୟୋ ଗ୍ରାବାସି ପୃଥୁବୁଧ୍ନଃ | ପ୍ରତି ତ୍ୱାଦିତ୍ୟାସ୍ତ୍ୱଗ୍ୱେତ୍ତୁ ||୨|| ୨୧

ଅଗ୍ନେସ୍ତନୂରସି ବାଚୋ ବିସର୍ଜନମ୍ | ଦେବବୀତୟେ ତ୍ୱା ଗୃହ୍ଣାମି ||୩|| ୨୨

ବୃହନ୍ ଗ୍ରାବାସି ବାନସ୍ପତ୍ୟଃ ସ ଇଦଂ ଦେବେଭ୍ୟଃ |
ହବ୍ୟ ଶମୀଷ୍ୱ ସୁଶମି ଶମୀଷ୍ୱ ହବିଷ୍କୃଦେହି ||୪|| ୨୩

କୁକ୍କୁଟୋଽସି ମଧୁଜିହ୍ୱ ଇଷମୂର୍ଜମାବଦ | ବୟସଂଘାତେ ସଂଘାତେ ଜେଷ୍ମ ||୫|| ୨୪

ବର୍ଷବୃଦ୍ଧମସି ପ୍ରତି ତ୍ୱା ବର୍ଷବୃଦ୍ଧଂ ବେତ୍ତୁ | ପରାପୂତରକ୍ଷଃ ପ୍ରତିପୂତା ଅରାତୟଃ ||୬|| ୨୫

ଅପହତଂ ରକ୍ଷୋ ବାୟୁର୍ବୋ ବିବିନକ୍ତୁ |
ଦେବୋ ବଃ ସବିତା ପ୍ରତିଗୃହ୍ଣାତୁ ହିରଣ୍ୟପାଣିରଛିଦ୍ରେଣ ପାଣିନା ||୭|| (୫) ୨୬

ଧୃଷ୍ଟିରସ୍ୟପାଗ୍ନେ ଅଗ୍ନିମାମାଦଂ ଜହି | ନିଷ୍କ୍ରବ୍ୟାଦ ସେଧା ଦେବୟଜଂ ବହ ||୧|| ୨୭

ଧ୍ରୁବମସି ପୃଥିବୀଂ ଦୃହ ||
ବ୍ରହ୍ମବନି ତ୍ୱା କ୍ଷତ୍ରବନି ସଜାତବନ୍ୟୁପଦଧାମି ଦ୍ୱିଷତୋ ବଧାୟ ||୨|| ୨୮

Not For Commercial Use

ଅଗ୍ନେ ବ୍ରହ୍ମ ଗୃଭ୍‌ଣୀଷ୍ୱ ଧରୁଣମସ୍ୟନ୍ତରିକ୍ଷଂ ଦୃହ ।
ବ୍ରହ୍ମବନି ତ୍ୱା କ୍ଷତ୍ରବନି ସଜାତବନ୍ୟୁପଦଧାମି ଦ୍ୱିଷତୋ ବଧାୟ । ଧର୍ତ୍ରମସି ଦିବଂ ଦୃହ ।
ବ୍ରହ୍ମବନି ତ୍ୱା କ୍ଷତ୍ରବନି ସଜାତବନ୍ୟୁପଦଧାମି ଦ୍ୱିଷତୋ ବଧାୟ ||୩|| ୨୯

ବିଶ୍ୱାଭ୍ୟସ୍ତ୍ୱାଶାଭ୍ୟ ଉପଦଧାମି ଦ୍ୱିଷତୋ ବଧାୟ ।
ଚିତ ସ୍ଥୋର୍ଧ୍ୱଚିତୋ ଭୃଗୂଣାମଙ୍ଗିରସାଂ ତପସା ତପ୍ୟଧ୍ୱମ୍ ||୪|| (୬) ୩୦

ଶର୍ମାସ୍ୟବଧୂତ ରକ୍ଷୋଽବଧୂତା ଅରାତୟଃ ।
ଅଦିତ୍ୟାସ୍ତ୍ୱଗସି ପ୍ରତି ତ୍ୱାଦିତିର୍ବେତ୍ତୁ ||୧|| ୩୧

ଧିଷଣାସି ପର୍ବତୀ ପ୍ରତି ତ୍ୱାଦିତ୍ୟାସ୍ତ୍ୱଗ୍ୱେତ୍ତୁ ।
ଦିବସ୍କମ୍ଭନ୍ୟସି ଧିଷଣାସି ପାର୍ବତେୟୀ ପ୍ରତି ତ୍ୱା ପର୍ବତୀ ବେତ୍ତୁ ||୨|| ୩୨(୩୨)

ଧାନ୍ୟମସି ଧିନୁହି ଦେବାଂ ଧିନୁହି ୟଜ୍ଞଂ ଧିନୁହି ୟଜ୍ଞପତିମ୍ ।
ଧିନୁହି ମାଁ ୟଜ୍ଞନ୍ୟମ୍ ||୩|| ୩୩

ପ୍ରାଣାୟ ତ୍ୱୋଦାନାୟ ତ୍ୱା ବ୍ୟାନାୟ ତ୍ୱା । ଦୀର୍ଘାମନୁ ପ୍ରସିତିମାୟୁଷେ ଧାଂ ।
ଦେବୋ ବଃ ସବିତା ପ୍ରତିଗୃହ୍‌ଣାତୁ ହିରଣ୍ୟପାଣିରଚ୍ଛିଦ୍ରେଣ ପାଣିନା ।
ଚକ୍ଷୁଷେ ତ୍ୱା ମହୀନାଂ ପୟୋସି ||୪|| ୩୪

ବେଦୋସି ବେଦ ୟେନ ତ୍ୱଂ ଦେବ ବେଦ ଦେବେଭ୍ୟୋ ବେଦୋଽଭବଃ ।
ତେନ ମହ୍ୟଂ ବେଦୋ ଭବ ||୫|| (୭) ୩୫

ଦେବସ୍ୟ ତ୍ୱା ସବିତୁଃ ପ୍ରସବେଶ୍ୱିନୋର୍ବାହୁଭ୍ୟାଂ ପୂଷ୍ଣୋ ହସ୍ତାଭ୍ୟାମ୍ ।
ସଂ ବପାମି ସମାପ ଓଷଧୀଭିଃ ସମୋଷଧୟୋ ରସେନ ।
ସଂ ରେବତୀର୍ଜଗତୀଭିଃ ସଂ ମଧୁମତୀର୍ମଧୁମତୀଭିଃ ପୃଚ୍ୟନ୍ତାମ୍ ।
ଜନୟତ୍ୟୈ ତ୍ୱା ସଂ ୟୌମି ||୧|| ୩୬

Not For Commercial Use

ଇଦମଗ୍ନେରିଦମଗ୍ନୀଷୋମୟୋରିଷେ ତ୍ୱା |
ଘର୍ମୋସି ବିଶ୍ୱାୟୁରୁରୁପ୍ରଥା ଉରୁ ପ୍ରଥସ୍ୱୋରୁ ତେ ଯଜ୍ଞପତିଃ ପ୍ରଥତାମ୍ ||୨|| ୩୭

ଅଗ୍ନିଷ୍ଟେ ତ୍ୱଚଂ ମା ହି ସୀଦନ୍ତରିତ ରକ୍ଷୋନ୍ତରିତା ଅରାତୟଃ |
ଦେବସ୍ତ୍ୱା ସବିତା ଶ୍ରପୟତୁ ବର୍ଷିଷ୍ଠେଽଧି ନାକେ ||୩|| ୩୮

ମା ଭେର୍ମା ସଂ ବିକ୍ଥା ଅତମେରୁର୍ଯଜ୍ଞୋଽତମେରୁର୍ଯଜମାନସ୍ୟ ପ୍ରଜା ଭୂୟାତ୍ |
ତ୍ରିତାୟ ତ୍ୱା ଦ୍ୱିତାୟ ତ୍ୱୈକତାୟ ତ୍ୱା ||୪|| (୮) ୩୯

ଦେବସ୍ୟ ତ୍ୱା ସବିତୁଃ ପ୍ରସବେଶ୍ୱିନୋର୍ବାହୁଭ୍ୟାଂ ପୂଷ୍ଣୋ ହସ୍ତାଭ୍ୟାମ୍ |
ଆଦଦେଽଧ୍ୱରକୃତଂ ଦେବେଭ୍ୟଃ |
ଇନ୍ଦ୍ରସ୍ୟ ବାହୁରସି ଦକ୍ଷିଣଃ ସହସ୍ରଭୃଷ୍ଟିଃ ଶତତେଜାଃ |
ବାୟୁରସି ତିଗ୍ମତେଜା ଦ୍ୱିଷତୋ ବଧଃ ||୧|| ୪୦

ପୃଥିବ୍ୟୈ ବର୍ମାସି ପୃଥିବି ଦେବୟଜନି | ଓଷଧ୍ୟାସ୍ତେ ମୂଲଂ ମା ହିଂସିଷମ୍ ||୨|| ୪୧

ବ୍ରଜଂ ଗଚ୍ଛ ଗୋଷ୍ଠାନଂ ବର୍ଷତୁ ତେ ଦ୍ୟୌର୍ବଧାନ ଦେବ ସବିତଃ ପରମସ୍ୟାଂ ପୃଥିବ୍ୟାଂ ଶତେନ ପାଶୈଃ | ୟୋଽସ୍ମାନ୍ ଦ୍ୱେଷ୍ଟି ୟଂ ଚ ବୟଂ ଦ୍ୱିଷ୍ମସ୍ତମତୋ ମା ମୌକ୍ ||୩|| ୪୨

ଅପାରରୁଂ ବଧ୍ୟାସଂ ପୃଥିବ୍ୟୈ ଦେବୟଜନାତ୍ |
ବ୍ରଜଂ ଗଚ୍ଛ ଗୋଷ୍ଠାନଂ ବର୍ଷତୁ ତେ ଦ୍ୟୌର୍ବଧାନ ଦେବ ସବିତଃ ପରମସ୍ୟାଂ ପୃଥିବ୍ୟା ଶତେନ ପାଶୈଃ |
ୟୋଽସ୍ମାନ୍ ଦ୍ୱେଷ୍ଟି ୟଂ ଚ ବୟଂ ଦ୍ୱିଷ୍ମସ୍ତମତୋ ମା ମୌକ୍ |
ଅରରୋ ଦିବଂ ମା ପପ୍ତୋ ଦ୍ରପ୍ସସ୍ତେ ଦ୍ୟାଂ ମା ସ୍କନ୍ |
ବ୍ରଜଂ ଗଚ୍ଛ ଗୋଷ୍ଠାନଂ ବର୍ଷତୁ ତେ ଦ୍ୟୌର୍ବଧାନ ଦେବ ସବିତଃ ପରମସ୍ୟାଂ ପୃଥିବ୍ୟା ଶତେନ ପାଶୈଃ |
ୟୋଽସ୍ମାନ୍ ଦ୍ୱେଷ୍ଟି ୟଂ ଚ ବୟଂ ଦ୍ୱିଷ୍ମସ୍ତମତୋ ମା ମୌକ୍ ||୪|| ୪୩

Not For Commercial Use

ଗାୟତ୍ରେଣ ତ୍ୱା ଛନ୍ଦସା ପରିଗୃହ୍ଣାମି ତ୍ରୈଷ୍ଟୁଭେନ ତ୍ୱା ଛନ୍ଦସା ପରିଗୃହ୍ଣାମି ଜାଗତେନ ତ୍ୱା ଛନ୍ଦସା ପରିଗୃହ୍ଣାମି |
ସୁକ୍ଷ୍ମା ଚାସି ଶିବା ଚାସି ସ୍ୟୋନା ଚାସି ସୁଷଦା ଚାସି | ଉର୍ଜସ୍ୱତୀ ଚାସି ପୟସ୍ୱତୀ ଚ ||୫|| ୪୪

ପୁରା କ୍ରୂରସ୍ୟ ବିସୃପୋ ବିରପ୍ଶିନ୍ନୁଦାଦାୟ ପୃଥିବୀଂ ଜୀବଦାନୁମ୍ |
ୟାମୈରୟ ଶ୍ଚନ୍ଦ୍ରମସି ସ୍ୱଧାଭିସ୍ତାଂ ଧୀରାସୋ ଅନୁଦିଶ୍ୟ ୟଜନ୍ତେ |
ଦ୍ୱିଷତୋ ବଧୋଽସି ||୬|| (୯) ୪୫ (୪୫)

ପ୍ରତ୍ୟୁଷ୍ଟଂ ରକ୍ଷଃ ପ୍ରତ୍ୟୁଷ୍ଟା ଅରାତୟୋ ନିଷ୍ଟପ୍ତ ରକ୍ଷୋ ନିଷ୍ଟପ୍ତା ଅରାତୟଃ |
ଅନିଶିତୋଽସି ସପତ୍ନକ୍ଷିଦ୍ୱାଜିନଂ ତ୍ୱା ବାଜେଧ୍ୟାୟୈ ସମ୍ମାର୍ଜ୍ମି |
ପ୍ରତ୍ୟୁଷ୍ଟଂ ରକ୍ଷଃ ପ୍ରତ୍ୟୁଷ୍ଟା ଅରାତୟୋ ନିଷ୍ଟପ୍ତରକ୍ଷୋ ନିଷ୍ଟପ୍ତା ଅରାତୟଃ |
ଅନିଶିତାସି ସପତ୍ନକ୍ଷିଦ୍ୱାଜିନୀଂ ତ୍ୱା ବାଜେଧ୍ୟାୟୈ ସମ୍ମାର୍ଜ୍ମି ||୧|| ୪୬

ଅଦିତ୍ୟୈ ରାସ୍ନାସୀନ୍ଦ୍ରାଣ୍ୟୈ ସଂନହନମ୍ |
ବିଷ୍ଣୋର୍ବେଷ୍ପୋଽସ୍ୟୂର୍ଜେ ତ୍ୱାଦବ୍ଧେନ ତ୍ୱା ଚକ୍ଷୁଷାବପଶ୍ୟାମି ||୨|| ୪୭

ଅଗ୍ନେର୍ଜିହ୍ୱାସି ସୁଭୂର୍ଦେବେଭ୍ୟଃ | ଧାମ୍ନେ ଧାମ୍ନେ ଭବ ୟଜୁଷେ ୟଜୁଷେ |
ସବିତୁସ୍ତ୍ୱା ପ୍ରସବ ଉତ୍-ପୁନାମ୍ୟଚ୍ଛିଦ୍ରେଣ ପବିତ୍ରେଣ ସୂର୍ୟ୍ୟସ୍ୟ ରଶ୍ମିଭିଃ |
ସବିତୁର୍ବଃ ପ୍ରସବ ଉତ୍-ପୁନାମ୍ୟଚ୍ଛିଦ୍ରେଣ ପବିତ୍ରେଣ ସୂର୍ୟ୍ୟସ୍ୟ ରଶ୍ମିଭିଃ ||୩|| ୪୮

ତେଜୋଽସି ଶୁକ୍ରମସ୍ୟମୃତମସି ଧାମ ନାମାସି |
ପ୍ରିୟଂ ଦେବାନାମନାଧୃଷ୍ଟଂ ଦେବୟଜନମ୍ ||୪|| ୪୯

ୟସ୍ତେ ପ୍ରାଣଃ ପଶୁଷୁ ପ୍ରବିଷ୍ଟୋ ଦେବାନାଂ ବିଷ୍ଠାମନୁ ୟୋ ବିତସ୍ଥେ |
ଆତ୍ମନ୍ୱାନ୍ତ୍ସୋମଘୃତବାନ୍ହି ଭୂତ୍ୱାଗ୍ନିଂ ଗଚ୍ଛ ସ୍ୱର୍ୟ୍ୟଜମାନାୟ ବିନ୍ଦ ||୫|| (୧୦) ୫୦

Not For Commercial Use

ଇଷେ ତ୍ଵା ତିସ୍ରଃ ||୩|| ଘୌରସି ଚତସ୍ରଃ ||୪|| ଅଗ୍ନେ ବ୍ରତପତେଽଷ୍ଟ ||୮||
ପବିତ୍ରେ ସ୍ଥ ଚତସ୍ରଃ ||୪|| ଶର୍ମାସି ସପ୍ତ ||୭|| ଧୃଷ୍ଟିରସି ଚତସ୍ରଃ ||୪||
ଶର୍ମାସି ପୁନଃ ପଞ୍ଚ ||୫|| ଦେବସ୍ୟ ତ୍ଵା ଚତସ୍ରଃ ||୪|| ଦ୍ଵିତୀୟୋ ଦେବସ୍ୟ ତ୍ଵା ଷଟ୍ ||୬||
ପ୍ରତ୍ୟୁଷ୍ଟଂ ପଞ୍ଚ ||୫|| ଦଶାନୁବାକେଷୁ ପଞ୍ଚାଶତ୍ ||୫୦||
ଇଷେ ଦେବସ୍ୟ ସମାଃ ପଞ୍ଚାଶତ୍ ||୫୦||

**|| ଇତି ଶୁକ୍ଲୟଜୁଃ କାଣ୍ଵସଂହିତାୟାଂ ପ୍ରଥମୋଽଧ୍ୟାୟଃ || ୧ ||**

Not For Commercial Use